ଆଜି - ଶୁକ୍ରବାର
ତାରିଖ - ୦୩ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୧୯
ତିଥି - ତୃତୀୟା , ପକ୍ଷ- କୃଷ୍ଣ
ନକ୍ଷତ୍ର - ଶ୍ରବଣା, ମକର ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୫: ୦୦
ସୂର୍ଯ୍ୟାସ୍ତ - ୬ : ୨୬: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 80 R.N.I. REGD. No. 44026/86 ବାଲେଶ୍ୱର ୦୩ ଜୁଲାଇ ୨୦୨୬ ଶୁକ୍ରବାର BALASORE 03 JULY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"କ'ଣ ହୋଇ ସାରିଛି, ତାକୁ କେବେ ଦେଖାଯିବା ଉଚିତ୍ ନୁହେଁ; କ'ଣ କରା ଯିବାକୁ ବାକି ରହିଛି, ତାହା ଦେଖାଯିବା ଉଚିତ୍ ।"
- ଗୌତମ ବୁଦ୍ଧ

## ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମିଳିତ ପ୍ରେସ ବିବୃତି



ନୂଆଦିଲ୍ଲୀ : ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ ଭାରତରେ ସ୍ୱାଗତ ଜଣାଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହା ତାଙ୍କର ପ୍ରଥମ ଭାରତ ଗସ୍ତ । ସେ ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବା ସହ ଜଣେ ଦୂରଦୃଷ୍ଟିସମ୍ପନ୍ନ ଏବଂ ଲୋକପ୍ରିୟ ନେତ୍ରୀ ମଧ୍ୟ । ଏଥିସହିତ, ସେ ଜାପାନର ନାରା ପ୍ରିଫେକ୍ଚରରୁ ଆସିଛନ୍ତି, ଯାହା ଭାରତ ଓ ଜାପାନ ମଧ୍ୟରେ ସହଭାଗୀ ବୌଦ୍ଧ ଐତିହ୍ୟର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର । ବନ୍ଧୁଗଣ, କିଛି ଦିନ ପୂର୍ବରୁ ଜି-୭ ଶିଖର ସମ୍ମିଳନୀରେ ମୁଁ କହିଥିଲି ଯେ, ଆଜିର ବୈଶ୍ୱିକ ଅସ୍ଥିରତାର ପରିସ୍ଥିତିରେ, ପାରସ୍ପରିକ ବିଶ୍ୱାସ ହିଁ ଆମର ସବୁଠୁ ବଡ଼ ରଣନୈତିକ ସମ୍ପଦ । ଏଥିସହ ମୋତେ ଗର୍ବ ଲାଗୁଛି ଯେ, ଭାରତ-ଜାପାନ ସହଭାଗିତା ଏହି ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରୁଛି । ଗତ କିଛି ଦଶନ୍ଧି ମଧ୍ୟରେ, ଅଟୋମୋବାଇଲ୍ସରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ - ଜାପାନ ଭାରତର ଅଭିବୃଦ୍ଧି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀ ହୋଇ ବନ୍ଧୁତା ଓ ବିଶ୍ୱାସର ଏକ ଅମୂଲ୍ୟ ପୁଞ୍ଜି ସୃଷ୍ଟି କରିଛି । ଆଜି ପ୍ରଧାନମନ୍ତ୍ରୀ ତାକାଇଚିଙ୍କ ଏହି ଗସ୍ତ ମାଧ୍ୟମରେ ଆମେ ଆମର ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ସହଭାଗିତାର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରୁଛୁ । ବନ୍ଧୁଗଣ, ଆଜି ଭାରତ ଏବଂ ଜାପାନ ଉଭୟ ବିଶ୍ୱର ସର୍ବବୃହତ୍ ଅର୍ଥନୀତିମାନଙ୍କ ମଧ୍ୟରେ ଅନ୍ୟତମ । ଏକ ମୁକ୍ତ, ସମୃଦ୍ଧ ଏବଂ ନିୟମ-ଆଧାରିତ ଇଣ୍ଡୋ-ପାସିଫିକ୍ ଆମର ମିଳିତ ପ୍ରାଥମିକତା । ଏହି କ୍ଷେତ୍ରର ସର୍ବବୃହତ ଗଣତାନ୍ତ୍ରିକ ଏବଂ ବଜାର ଅର୍ଥନୀତି ଭାବରେ, ଆମେ ଆଜି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ଆମେ ମିଳିତ ଭାବେ ସମଗ୍ର ଅଂଚଳରେ ଶାନ୍ତି, ସ୍ଥିରତା ଏବଂ ପ୍ରଗତି ପାଇଁ ପଥ ପ୍ରଶସ୍ତ କରିବୁ । ବନ୍ଧୁଗଣ, ପ୍ରଧାନମନ୍ତ୍ରୀ ତାକାଇଚି ଏବଂ ମୁଁ ଉଭୟ ବିଶ୍ୱାସ କରୁଛୁ ଯେ, 'ପ୍ରଯୁକ୍ତିବିଦ୍ୟା ସହଭାଗୀତା' ଆମ ସହଯୋଗର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ପାଲଟିବ । ଏହି ଦୃଷ୍ଟିକୋଣକୁ ସାକାର କରିବା ପାଇଁ, ଆମେ ଆଜି କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରରେ ଏକ ମିଳିତ ବିବୃତି ମଧ୍ୟ ଜାରି କରିଛୁ । ଭାରତର ଏଆଇ ଇକୋସିଷ୍ଟମ ବ୍ୟବସ୍ଥାର ଅନେକ ପ୍ରମୁଖ ଅନୁଷ୍ଠାନ ମଧ୍ୟ ଆଜି ସେମାନଙ୍କର ଜାପାନୀ ସହଭାଗୀଙ୍କ ସହ ବିଭିନ୍ନ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଜାପାନର 'ସୂକ୍ଷ୍ମ ପ୍ରଯୁକ୍ତି' ଏବଂ ଭାରତର 'ସଫ୍ଟୱେର କ୍ଷମତା'ର ସମନ୍ୱୟ ବିଶ୍ୱସ୍ତରୀୟ ଏଆଇ ବିକାଶକୁ ନୂତନ ଗତି ଓ ଶକ୍ତି ପ୍ରଦାନ କରିବ । ପ୍ରତିରକ୍ଷା କ୍ଷେତ୍ରରେ, ଆମେ ଆଜି ଭାରତ ଓ ଜାପାନ ମଧ୍ୟରେ ପ୍ରଥମ 'ସହ-ବିକାଶ' ପ୍ରକଳ୍ପ ଉପରେ ଏକ ଚୁକ୍ତି ସ୍ୱାକ୍ଷର କରିଛୁ । 'ନୌସେନା ରେଡିଓ ଆଂଟେନା' ସମ୍ବନ୍ଧୀୟ ଏହି ପ୍ରକଳ୍ପ ଆମର ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ସହଭାଗୀତାରେ ଏକ ନୂତନ ଅଧ୍ୟାୟ ଉନ୍ମୁକ୍ତ କରିବ । ଆମେ ଏବେ ମିଳିତ ଭାବେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକଶିତ କରିବୁ ଯାହା ଆଂଚଳିକ ଶାନ୍ତି, ସାମୁଦ୍ରିକ ସୁରକ୍ଷା ଏବଂ ନିୟମ-ଆଧାରିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ । ଫାର୍ମାସ୍ୟୁଟିକାଲ୍ସ, ଚିକିତ୍ସା ଉପକରଣ ଏବଂ ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଜି ସ୍ୱାକ୍ଷରିତ ଚୁକ୍ତିନାମା ମାଧ୍ୟମରେ, ଆମେ ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷାରେ ମଧ୍ୟ ଯୋଗଦାନ ଦେବୁ । ଭାରତର ବ୍ୟାପକ କ୍ଷମତା ଏବଂ ଜାପାନର ଉଚ୍ଚ ଗୁଣବତାକୁ ଏକାଠି କରି, ଆମେ ବିଶ୍ୱକୁ ସୁଲଭ, ନିର୍ଭରଯୋଗ୍ୟ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସମାଧାନ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବୁ ।

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ୟୁଏଇର ଆଇଏଚ୍‌ସି ଗ୍ରୁପ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

# ସ୍ଥାପିତ ହେବ ୧.୧୦ଲକ୍ଷ କୋଟି ଟଙ୍କାର ଆଲୁମିନିୟମ୍ ପ୍ରକଳ୍ପ



ଭୁବନେଶ୍ୱର : ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଏବଂ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ଲୋକସେବା ଭବନ କନଭେନସନ୍ ସେଂଟରରେ ଆୟୋଜିତ, ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଂଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଛନ୍ତି । ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଙ୍ଗ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଂଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତିଭୂମିର ବିକାଶ କରାଯିବ । ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ସମୁଦାୟ ୫୩,୫୦୦ରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜ୍ୟର ଖଣିଜ ସମ୍ବଳରୁ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ । ବିଶ୍ୱସ୍ତରରେ ବର୍ତମାନ 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି । ଏ ଦିଗରେ ଓଡ଼ିଶା ବର୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନେଇ ସରକାର ଆଗକୁ ବଢୁଛି । ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଂଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର । IHC ଗ୍ରୁପ୍ ସହିତ କେବଳ ଆଲୁମିନିୟମ୍ ପ୍ରକଳ୍ପ ନୁହେଁ, ବରଂ ଗବେଷଣା ଓ ବିକାଶ, ମେଟାଲର୍ଜି, ଡିଜିଟାଲ୍ ସିଷ୍ଟମ୍ ଏବଂ ଗ୍ଲୋବାଲ୍ କ୍ୟାପାବିଲିଟି ସେଂଟରଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ । ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ । ଏହି ଅବସରରେ 'ଇଂଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ'ର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର୍ ପିଟର ଆବ୍ରାମ କହିଛନ୍ତି ଯେ, ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ ।

## ଅଳ୍ପରେ ଖବର

- ସିସୋର ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ହାଇକୋର୍ଟରୁ ନିରାଶ ହେବାକୁ ପଡିଛି । ସିବିଆଇ ମାମଲା ରଦ୍ଦ କରିବା ନେଇ ପ୍ରଭାତ କରିଥିବା ଆବେଦନ ହାଇକୋର୍ଟରେ ଅଗ୍ରାହ୍ୟ ହୋଇଛି ।
- ତ୍ରୁଟି ଶୂନ୍ୟ ନୂଆ ସ୍କୁଲ ବହି ଛପା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିପାଇଁ ଗୁରୁବାର ଦିନ ଏସସିଇଆରଟି କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ, ସଚିବ ଏବଂ ଓସେପା ନିର୍ଦ୍ଦେଶକଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।
- ଟଙ୍କଧର ତ୍ରିପାଠୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
- ଟଙ୍କଧର ତ୍ରିପାଠୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଝାରସୁଗୁଡ଼ାର ଲୋକପ୍ରିୟ ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।

## ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ



ଭୁବନେଶ୍ୱର : କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ । ଆସନ୍ତାକାଲି ଓଡ଼ିଶା ଆସିଥାନ୍ତେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ । କିଛି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ୩ ଦିନିଆ ଓଡ଼ିଶା ଗସ୍ତ ବାତିଲ କରାଯାଇଛି । ପରବର୍ତୀ ସମୟ ଅମିତ ଶାହଙ୍କ ଗସ୍ତ ରି- ସିଡ୍ୟୁଲ ହେବ । ଏନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଶୁକ୍ରବାରଠୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥାନ୍ତେ । ଗସ୍ତ ସମୟରେ ସେ ବରଗଡ଼, ସମ୍ବଲପୁର, କଟକ ଓ ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ । ଶନିବାର ବରଗଡ଼ ଓ ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ଥିଲା । ବରଗଡ଼ରେ ଦିନ ୧୧ଟା ୨୦ରେ ବାଉଁଶିଘାସ୍ଥିତ ବିପିସିଏଲ ୨-ଜି ଇଥାନଲ ପ୍ଲାଂଟ ପରିଦର୍ଶନ କରିଥାନ୍ତେ । ପରେ ବରଗଡ଼ରେ ଆୟୋଜିତ ଜନସଭା ସ୍ଥଳରେ ଇଥାନଲ ପ୍ଲାଂଟ ଉଦ୍‌ଘାଟନ ଉତ୍ସବ ସାମିଲ ହୋଇଥାନ୍ତେ । ପରେ ସମ୍ବଲପୁର ଆସି ଅପରାହ୍ନରେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା । ସେହିପରି ୫ ତାରିଖ (ରବିବାର) ବଡ଼ମ୍ବା ଯିବା ଥିଲା । ଦିନ ୧୧ଟା ୨୫ ରେ ବଡ଼ମ୍ବା ଚିନିକଳର ପୁନରୁଦ୍ଧାର ଉତ୍ସବରେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥାନ୍ତେ । ସେଠାରୁ ଫେରି ଅପରାହ୍ନ ୩ଟାରେ ଭୁବନେଶ୍ୱର ସପ୍ତମ ବାଟାଲିୟନ ପରିସରକୁ ଆସିଥାନ୍ତେ । ଓଡ଼ିଶା ପୁଲିସର ପ୍ରେସିଡେଂଟସ୍ କଲର୍ସ ପ୍ରେଜେଂଟେସନ ଉତ୍ସବରେ ସାମିଲ ହୋଇଥାନ୍ତେ । ସନ୍ଧ୍ୟା ୬ଟା ୨୦ମିନିଟରେ ଶାହ ଦିଲ୍ଲୀ ଫେରିଯିବେ ବୋଲି ତାଙ୍କ ଗସ୍ତ ସୂଚୀରୁଥିଲା ହେଲେ ତା ପୂର୍ବରୁ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଛି ।

## ଜାତୀୟ ସ୍ତରରେ ଭିବି-ଜି ରାମ ଜି ଯୋଜନାର ଶୁଭାରମ୍ଭ କଲେ ଶିବରାଜ ସିଂହ ଚୌହାନ



ନୂଆଦିଲ୍ଲୀ : ଆନ୍ଧ୍ର ପ୍ରଦେଶର ତିରୁପତି ଜିଲ୍ଲାର ମୁକ୍କାବରିପାଲି ଗ୍ରାମରୁ ଆଜି ଜାତୀୟ ସ୍ତରରେ 'ବିକଶିତ ଭାରତ - ଜି ରାମ ଜି ଯୋଜନା' ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଚନ୍ଦ୍ରବାବୁ ନାଇଡୁ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବନ କଲ୍ୟାଣ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ର ଶେଖର ପେମାସାନି ଏବଂ ଶ୍ରୀ କମଲେଶ ପାସୱାନଙ୍କ ସହିତ ସାଂସଦ, ବିଧାୟକ ଏବଂ ହଜାର ହଜାର ନାଗରିକ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଏହି କାର୍ଯ୍ୟକ୍ରମରେ ଏମିତି ଏକ ନୂତନ ମଡେଲ ଉନ୍ମୋଚନ କରାଯାଇଛି, ଯେଉଁଥିରେ ସାରା ଦେଶରେ ଗରିବ ଶ୍ରମିକ, ଚାଷୀ ଏବଂ ଗ୍ରାମ ପାଇଁ ନିଯୁକ୍ତି ଗ୍ୟାରେ[, ଗ୍ରାମ ବିକାଶ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଆବ[ନ ଏବଂ ଏକ ସ୍ୱଚ୍ଛ ବ୍ୟବସ୍ଥା ଅନ୍ତର୍ଭୁକ୍ତ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ 'ନମଃ ଭେଙ୍କଟେଶ୍ୱରାୟ' ଏବଂ 'ଗୋବିନ୍ଦ, ଗୋବିନ୍ଦ' ଧ୍ୱନି ସହିତ ତାଙ୍କ ଭାଷଣ ଆରମ୍ଭ କରିଥିଲେ । ସେ ମନ୍ତବ୍ୟ ଦେଇଥିଲେ ଯେ ଏହି ପବିତ୍ର ଭୂମିରୁ 'ବିକଶିତ ଭାରତ – ଜି ରାମ ଜି' ଯୋଜନାର ଶୁଭାରମ୍ଭ ଗରିବ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଦିବ୍ୟ କୃପା ବର୍ଷା ସହିତ ସମାନ । ଦେଶର କୌଣସି ଗରିବ ଶ୍ରମିକ କାମ ବିନା ଯେପରି ନ ରହନ୍ତି, ଏବଂ ପ୍ରତ୍ୟେକ ହାତ ଯେପରି ନିଯୁକ୍ତି ପାଇବ ଏବଂ ପ୍ରତ୍ୟେକ ପେଟ ଖାଦ୍ୟ ପାଇବ ସେଥିପାଇଁ ସେ ପ୍ରାର୍ଥନା କରିଥିଲେ । ଏହି ସଂକଳ୍ପକୁ ତୃଣମୂଳ ସ୍ତରରେ ବାସ୍ତବରେ ପରିଣତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଥିଲେ । ଶ୍ରୀ ଶିବରାଜ ସିଂହ ଚୌହାନ ମନେ ପକାଇଥିଲେ ଯେ ୟୁପିଏ ସରକାରଙ୍କ କାର୍ଯ୍ୟକାଳରେ ଆରମ୍ଭ ହୋଇଥିବା ମନରେଗା ଯୋଜନା କେବଳ ୧୦୦ ଦିନର ନିଯୁକ୍ତି ସୁନିଶ୍ଚିତ କରିଥିଲା । ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନୂତନ ରଣନୀତି ଅନୁସାରେ, 'ବିକଶିତ ଭାରତ – ଜି ରାମ ଜି' ଯୋଜନା ଶ୍ରମିକମାନଙ୍କ ପାଇଁ ସମ୍ପୂର୍ଣ୍ଣ ୧୨୫ ଦିନର କାମ ସୁନିଶ୍ଚିତ କରୁଛି । ଏହା କେବଳ ଦିନ ସଂଖ୍ୟାରେ ବୃଦ୍ଧି ନୁହେଁ ବରଂ ମାନସିକତାରେ ଏକ ମୌଳିକ ପରିବର୍ତନକୁ ପ୍ରତିନିଧିତ୍ୱ କରେ । ବର୍ତମାନର ଲକ୍ଷ୍ୟ ହେଉଛି କୌଣସି ହାତ ଯେପରି ଖାଲି ନ ରହେ ତାହା ନିଶ୍ଚିତ କରିବା । ନୂତନ ଯୋଜନା କାର୍ଯ୍ୟକାରୀ ହେବାର ପ୍ରଥମ ଦିନରେ, ସାରା ଦେଶରେ ଲକ୍ଷ ଲକ୍ଷ ଶ୍ରମିକଙ୍କୁ ନିଯୁକ୍ତି ମିଳିଛି, ଯାହା ମନରେଗାକୁ ଉନ୍ନତ 'ବିକଶିତ ଭାରତ – ଜି ରାମ ଜି' ଢାଂଚାରେ ପରିଣତ କରିଛି ।

## ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

### ୩୨ ହଜାର ଆସନ ପାଇଁ ୫୩ ହଜାର ବିଦ୍ୟାର୍ଥୀ



ଭୁବନେଶ୍ୱର: ଆଜି ସାଧାରଣ ସ୍ନାତକୋତର ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଂଟ୍ରାନ୍‌ସ ଟେଷ୍ଟ ୨୦୨୬)ର ଫଳ ପ୍ରକାଶିତ ହୋଇଛି । ରାଜ୍ୟର ୧୩୨ଟି ଶିକ୍ଷାନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମର ମୋଟ ୩୨ହଜାର ୩୦୯ଟି ଆସନ ନିମନ୍ତେ ୫୩ ହଜାର ୯୦୧ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ବିଭାଗ ପକ୍ଷରୁ ପ୍ରକାଶିତ ସୂଚନାନୁସାରେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା । ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସର୍ବମୋଟ୍ ୫୦ଟି ସ୍ନାତକୋତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି । ସ୍ନାତକୋତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ । ଆଡ଼ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଲକ୍ଷ୍ମୀ ପୁରାଣ କରିଡର୍ କାର୍ଯ୍ୟକ୍ରମ ଅନୁଷ୍ଠିତ

# ୧ କୋଟି ଲକ୍ଷ୍ମୀପୁରାଣ ବହି ମାଗଣା ବଂଟାଯିବ : ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ନୂଆ ସ୍ୱର ଓ ନୂଆ ଛାନ୍ଦରେ ପରିମାର୍ଜିତ ହୋଇ ଆସିବ ମହାକବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ । ଏବେ ଘରେ ଘରେ ପଢ଼ା ଯାଉଥିବା ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ଭ୍ରମାତ୍ମକ ସଂସ୍କରଣ । ନୂଆ ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ମୂଳ ରଚିତ ଲେଖାରୁ ଆସିବ । ଓଡ଼ିଆ ସାହିତ୍ୟ ଏକାଡେମୀ ପୁସ୍ତକ ଛାପିବ । ୧ କୋଟି ଲକ୍ଷ୍ମୀ ପୁରାଣ ବହି ଓଡ଼ିଶାରେ ଘରେ ଘରେ ମାଗଣା ବଂଟାଯିବ । ନମିତା ଅଗ୍ରୱାଲ ଓ ଗୀତା ଦାସ ଏହି ସଂଶୋଧିତ ପରିମାର୍ଜିତ ପୁରାଣକୁ କଣ୍ଠ ଦେବେ । ରାଜ୍ୟ ସରକାର ଉଭୟଙ୍କ ସହ କଥା ହୋଇଛନ୍ତି । ସେମାନେ ନୂଆ ଛନ୍ଦରେ ଗାଇବା ପାଇଁ ରାଜି ହୋଇଛନ୍ତି । ମିଶନ ଶକ୍ତି ଅଡିଟୋରିୟମରେ ଆୟୋଜିତ ହୋଇଥିବା ଲକ୍ଷ୍ମୀ ପୁରାଣ କରିଡର୍ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ବିଶିଷ୍ଟ ଗବେଷକ ଅସିତ୍ ମହାନ୍ତି ନମିତା ଅଗ୍ରୱାଲ ଓ ଗୀତା ଦାସଙ୍କ ଗୀତ ଗାଇବା ନେଇ ସିଧାସଳଖ ପ୍ରଶ୍ନ ଉଠାଇଥିଲେ ଆଜି ସଭାରେ । ତାଙ୍କ ଅଭିଯୋଗ ଅନୁସାରେ, ଗାୟିକା ନମିତା ଅଗ୍ରୱାଲ, ଗୀତା ଦାସ ଓ ଅନ୍ୟ କିଛି ଗାୟକ ମାନେ ଅସମ୍ପୂର୍ଣ୍ଣ ଓ ଭ୍ରମାତ୍ମକ 'ଲକ୍ଷ୍ମୀ ପୁରାଣ' ଗାନ କରି ଆସୁଛନ୍ତି । ଯାହାଫଳରେ ଘରେ ଘରେ ମହିଳାମାନେ ବଳରାମ ଦାସଙ୍କ ମୂଳ ରଚନାରୁ ବିଚ୍ୟୁତ ହୋଇ ବିକୃତ ସଂସ୍କରଣ ପାଠ କରୁଛନ୍ତି । ବଜାରେ ମିଳୁଥିବା ସଂସ୍କରଣରେ ମହାକବି ବଳରାମ ଦାସଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମୂଳ ଭାବଧାରା ଅଦୃଶ୍ୟ । ତେଣୁ ଯାହା ଭୁଲ୍ ଭାବେ ପ୍ରଚଳିତ ହୋଇଛି, ତାହା ଏବେ ବନ୍ଦ ହେବା ଉଚିତ୍ ବୋଲି ସେ ଦାବି କରିଛନ୍ତି । ସେପଟେ ଆଜି ନୂଆ ସଂଶୋଧିତ ଲକ୍ଷ୍ମୀ ପୁରାଣ କିପରି ହେବ ଓ ସ୍ୱର ଓ ଛାନ୍ଦ କିପରି ହେବା ଉଚିତ ସେନେଇ ମଂଚରେ ଗାଇ ଶୁଣାଇଥିଲେ ବିଶିଷ୍ଟ ଜଗନ୍ନାଥ ଗବେଷକ ଗୌରାଙ୍ଗ ଚରଣ ଦାଶ ।

# ଦ୍ୱିତୀୟ ଦିନରେ ପହଂଚିଲା ଡାକ୍ତରଙ୍କ ଆନ୍ଦୋଳନ : ଆଲୋଚନା କଲା ବିଜେଡିର ସ୍ୱତନ୍ତ୍ର ଟିମ୍

ବାଲେଶ୍ୱର,(ନି.ପ୍ର.) ଦଶ ଦଫା ଦାବି ପୂରଣ ନେଇ ସିଡ଼ିଏମଓ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଂଚିଛି । ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ଅପରାହ୍ନରେ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଓ ନାନା ବିଷୟ ନେଇ ଆଲୋଚନା କରିଛି ।ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଏକ ଟିମ୍ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛି । ପୂର୍ବତନ ନୀଳଗିରି ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ନାୟକ, ପୂର୍ବତନ ସଦର ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ବଡ଼ ମେଡ଼ିକାଲରେ ପହଂଚି ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଆସୋସିଏସନର ରାଜ୍ୟ ସମ୍ପାଦକ



ଡା. ସଞ୍ଜୀବ ପ୍ରଧାନ, ଜିଲ୍ଲା ସଭାପତି ଡା. ସରୋଜ ରାଜ, ଜିଲ୍ଲା ସମ୍ପାଦକ ଡା. ଦିଲ୍ଲୀପ ପାତ୍ର ଓ ଉପସ୍ଥିତ ସମସ୍ତ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଜାଣି ଏହାକୁ ନିନ୍ଦା କରିଛନ୍ତି । ବିଜେଡି ସରକାର ସ୍ୱାସ୍ଥ୍ୟସେବା ପାଇଁ ସୁବିଧା ସୁଯୋଗ ଯୋଗାଇଥିବା ବେଳେ ଏ ସରକାର ଡାକ୍ତରଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଥିବା କହିଛନ୍ତି । ଫଳସ୍ୱରୂପ ଦୁଇ ଦିନ ଧରି ରୋଗୀଙ୍କୁ ବଡ଼ ମେଡ଼ିକାଲରେ ଚିକିତ୍ସା ପରିବର୍ତ୍ତେ କେବଳ ମେଡ଼ିକାଲ କଲେଜ ଓ କଟକ ରେଫର କରାଯାଉଥିବା ଭଳି ଦୟନୀୟ ପରିସ୍ଥିତିକୁ ନିନ୍ଦା କରିଛନ୍ତି । ଏଥିସହ ଘଟଣା ବିଷୟରେ ନବୀନ ନିବାସକୁ ଟିମ୍ ଅବଗତ କରାଇଛି । ପୁନଶ୍ଚ, ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ନେଇ ଡାକ୍ତରଙ୍କୁ ସରକାରଙ୍କ ଚେତାବନୀକୁ ସଂଘ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଜେଡିର ଆନ୍ୟନ୍ୟ ନେତୃତ୍ୱଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ସେକ ଆୟୁବ, ସନ୍ଧ୍ୟାରାଣୀ ଜେନା, ସେକ ସାକିର, ଅଶୋକ ଦାସ, ସଞ୍ଜୟ ବେହେରା, ବିଶ୍ୱଜିତ୍ ମହାପାତ୍ର, ଅଶୋକ ଆଦ୍ୟ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ପ୍ରକାଶ ଥାଉକି, ଦଶ ଦଫା ଦାବି ନେଇ ଓଏମଏସଏ ସଂଘ ପକ୍ଷରୁ ଦୁଇ ଦିନ ଧରି ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବା ବେଳେ ସମୁଦାୟ ୬ହଜାର ୫ଶହ ଡାକ୍ତର ଆନ୍ଦୋଳନରେ ବସିଛନ୍ତି । ଅନୁରୂପ ଭାବେ ବାଲେଶ୍ୱରର ୨୯୫ରୁ ଅଧିକ ଡାକ୍ତର ଦୁଇ ଦିନ ଧରି ସିଡିଏମଓ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ତେବେ ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାର ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ସଂଘ ଏଭଳି ଦୃଢ଼ ନିଷ୍ପତି ନେଇଥିବା ପ୍ରକାଶ କରିଛି ।

# ଅଧାଗଢ଼ା ଅଙ୍ଗାରଗଡ଼ିଆ ଉଡ଼ନ୍ତାପୋଲ ପାଲଟିଛି ଯନ୍ତ୍ରଣାର ପୋଲ

ବାଲେଶ୍ୱର,(ନି.ପ୍ର.): ସହରର ଅଙ୍ଗାରଗଡ଼ିଆ ଛକରେ ନିର୍ମାଣାଧୀନ ଉଡ଼ନ୍ତାପୋଲ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ 'ଅସମ୍ପୂର୍ଣ୍ଣତାର ପ୍ରତୀକ' ପାଲଟିଛି । ୨୦୨୧ ମସିହାରୁ ପୂର୍ତ୍ତ ବିଭାଗ ଦ୍ୱାରା କାମ ଆରମ୍ଭ ହୋଇଥିଲେ ସୁଦ୍ଧା ତିନି ବର୍ଷ ପରେ ବି ପୋଲଟି ଅଧାରେ ପଡ଼ିରହିଛି । ଏହାକୁ ଯୁଦ୍ଧକାଳୀନ ଭିତିରେ ପୂର୍ଣ୍ଣାଙ୍ଗ କରିବା ଦାବିରେ ଅଂଚଳବାସୀ ଏକଜୁଟ ହୋଇଛନ୍ତି ।

ଉଡ଼ନ୍ତାପୋଲ ନିମ୍ନରେ ଥିବା ଖୋଲା ଜିମ୍ ପରିସରରେ 'ମୌଳିକ ଅଧିକାର ସଂଘର୍ଷ ସମିତି' ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଆଇନଜୀବୀ କିଶୋର ଷଡ଼ଙ୍ଗୀଙ୍କ ଆବାହକତ୍ୱ ଓ କୈଳାଶପତି ତିୱାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅଂଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଲୋକ ଯୋଗଦେଇଥିଲେ ।

ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ୨୦୨୧ରେ ଯେତେବେଳେ ଏହି ଉଡ଼ନ୍ତାପୋଲର ଶିଳାନ୍ୟାସ ହେଲା, ସମସ୍ତେ ଖୁସି ହୋଇଯାଇଥିଲେ । ଅଙ୍ଗାରଗଡ଼ିଆ ଛକରେ ଲାଗୁଥିବା ଟ୍ରାଫିକ ଜାମ ଓ ଦୁର୍ଘଟଣାରୁ ମୁକ୍ତି ମିଳିବ ବୋଲି ଆଶା ଥିଲା । ହେଲେ କାମ ଆରମ୍ଭ ହେବାର କିଛି ମାସ ପରେ ତାହା ଧୀର ହୋଇଗଲା ଓ ପରେ ପୂରା ବନ୍ଦ ହୋଇଗଲା । ଅଧା ଗଢ଼ା ପିଲାର୍, ରାସ୍ତା ଉପରେ ପଡ଼ିଥିବା ଲୁହାଛଡ଼, ବାଲି-ଗୋଡ଼ି ଓ ଡାଇଭର୍ସନ ଯୋଗୁଁ ପ୍ରତିଦିନ ଛୋଟ-ବଡ଼ ଦୁର୍ଘଟଣା ଘଟୁଛି । ବର୍ଷା ଦିନେ ପାଣି ଜମି ରାସ୍ତା କାଦୁଅ ହୋଇଯାଉଛି, ଖରା ଦିନେ ଧୂଳି ଉଡୁଛି । ସ୍କୁଲ ପିଲା, ରୋଗୀ ଓ ବୟସ୍କମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି ।

ବୈଠକରେ ଉପସ୍ଥିତ ଥିବା ସାମାଜିକ କର୍ମୀ ରଘୁନାଥ ଲେଙ୍କା କହିଲେ, "ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆମେ ୩ ବର୍ଷ ହେଲା ନର୍କ ଯନ୍ତ୍ରଣା ଭୋଗୁଛୁ । ଉଡ଼ନ୍ତାପୋଲ ହେବା ବଦଳରେ ଏହା ମୃତ୍ୟୁର ପୋଲ ପାଲଟିଗଲାଣି ।"

ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଗଲା ଯେ, ଆଗାମୀ ବୁଧବାର ଦିନ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ସେହିଦିନ ବିଭାଗ କାର୍ଯ୍ୟାଳୟ ଆଗରେ ସାଂକେତିକ ଧାରଣା ଦିଆଯିବ । ୧୫ ଦିନ ମଧ୍ୟରେ କାମ ଆରମ୍ଭ ନହେଲେ ଗଣତାନ୍ତ୍ରିକ ପଦ୍ଧତିରେ ବିକ୍ଷୋଭ, ରାସ୍ତାରୋକ ଓ ଅନଶନ ଭଳି ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସମିତି ଚେତାବନୀ ଦେଇଛି । ଏହି ବୈଠକରେ ଚିତେଶ୍ୱର ମହାନ୍ତି, କୁବେରପତି ତିୱାରୀ, ଉଦୀପ୍ତ ଦାସ, ସୁଦାମ ନାୟକ, ରାଜେନ୍ଦ୍ର କୁମାର ଜେନା, ଶୈଳେନ୍ଦ୍ର କୁମାର ଦାଶ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଶମ୍ଭୁନାଥ ବିଶ୍ୱାଳ, ଭାସ୍କର ଚନ୍ଦ୍ର ପାଢ଼ୀ, ରଘୁନାଥ ରାଉତ, ବିଜୟ କୁମାର ସିଂ, ପ୍ରଦୀପ ଦାସଙ୍କ ସମେତ ଶତାଧିକ ଅଂଚଳବାସୀ ଉପସ୍ଥିତ ଥିଲେ ।

# ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ ଉଦ୍ଯାପିତ

## ଶିକ୍ଷା ଓ ଉଦ୍ୟୋଗର ସମନ୍ୱୟ ହିଁ ଆତ୍ମନିର୍ଭର ଓଡ଼ିଶାର ମୂଳ ଆଧାର – କୁଳପତି ଡ. ସନ୍ତୋଷ ତ୍ରିପାଠୀ

ବାଲେଶ୍ୱର (ନି.ପ୍ର.): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି ଏବଂ ଯୁବପିଢ଼ୀଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ପାଂଚଦିନିଆ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ସ୍ଥାନୀୟ ନୋସି ବିଜନେସ୍ ପାର୍କଠାରେ ଗତକାଲି ଉଦ୍ଯାପିତ ହୋଇଯାଇଛି । ଗତ ୨୭ ଜୁନ୍ ?ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଛାତ୍ରଛାତ୍ରୀ ଓ ଉଦ୍ୟୋଗ ସ୍ଥାପନାରେ ଆଗ୍ରହୀ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ ।ଉଦ୍ଯାପନୀ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ଓ ଉଦ୍ୟୋଗ ପରସ୍ପରର ପରିପୂରକ । ଉଚ୍ଚଶିକ୍ଷା ସହ ଉଦ୍ୟୋଗିକ ଦକ୍ଷତା, ନବସୃଜନ ଓ ଗବେଷଣାର ସମନ୍ୱୟ ଦ୍ୱାରା ଯୁବପିଢ଼ୀ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ । ସେ ଛାତ୍ରଛାତ୍ରୀମାନଙ୍କୁ ଚାକିରି ଅପେକ୍ଷା ଉଦ୍ୟୋଗୀ ହେବା ପାଇଁ ମାନସିକତା ଗଢ଼ି ତୋଳିବା ସହ ସରକାରଙ୍କ ବିଭିନ୍ନ ଉଦ୍ୟୋଗପ୍ରୋତ୍ସାହନ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ନୋସିର ସଭାପତି ପି. କେ. ଡାଭେ, ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ମୋତିଲାଲ ଶାହା ଯୋଗଦେଇ ବର୍ତ୍ତମାନ ସମୟରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ






ପରିବେଶ, ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ନୀତି, ବ୍ୟାଙ୍କ ଋଣ ସୁବିଧା, ବଜାର ସଂଯୋଗ ଓ ଉଦ୍ୟୋଗୀମାନଙ୍କ ସମ୍ମୁଖୀନ ଆହ୍ୱାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ନୂତନ ଉଦ୍ୟୋଗୀମାନେ ସରକାରୀ ସହାୟତାର ସଠିକ୍ ଉପଯୋଗ କରି ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ପାଂଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ବିଭିନ୍ନ ଅଧିବେଶନ, ପ୍ରଶିକ୍ଷଣ, ଉଦ୍ୟୋଗୀମାନଙ୍କ ସହ ଆଲୋଚନା ଏବଂ ଯୁବପିଢ଼ୀଙ୍କୁ ଉଦ୍ୟୋଗ ମୁଖୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ନୂତନ ଉଦ୍ୟୋଗୀ ସରକାରଙ୍କ ବିଭିନ୍ନ ଯୋଜନା, ଆର୍ଥିକ ସହାୟତା ଓ ବଜାର ସୁଯୋଗ ସମ୍ପର୍କରେ ସଚେତନ ହୋଇଛନ୍ତି ।ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ୮ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ମାନ ପ୍ରଦାନ ମାଧ୍ୟମରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବା ସହ ସ୍ଥାନୀୟ ସଫଳ ଉଦ୍ୟୋଗୀମାନଙ୍କ ଅଭିଜ୍ଞତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ପାଂଚଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ସ୍ଥାପନା ପ୍ରକ୍ରିୟା, ଏମ୍ଏସ୍ଏମ୍ଇ ପଞ୍ଜୀକରଣ, ସରକାରୀ ପ୍ରୋତ୍ସାହନ, ବ୍ୟାଙ୍କ ଋଣ, ବିପଣନ, ଡିଜିଟାଲ୍ ବ୍ୟବସାୟ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟାର୍ଟଅପ୍ ଏବଂ ରପ୍ତାନିର ସମ୍ଭାବନା ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହା ଜିଲ୍ଲାର ଉଦ୍ୟୋଗ ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା ।ସହକାରୀ ଶିଳ୍ପ ଅଧିକାରୀ ପୂର୍ଣ୍ଣେନ୍ଦୁ କର ଧନ୍ୟବାଦ ଜ୍ଞାପନ କରିଥିବାବେଳେ ସହକାରୀ ପରିଚାଳକ ଅକ୍ଷୟ ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଚାଳନ କରିଥିଲେ ।କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମମତା ପରିଡ଼ା, କ୍ଷୀତିଶ ପଣ୍ଡା, ଅମ୍ବୁଜ ମହାନ୍ତ, ସନ୍ଧ୍ୟାରାଣୀ ଦାସ, ଅଜିତ ସିଂ, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହୁଲ ହାଁସଦା ଓ ରମାକାନ୍ତ ବେହେରାଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ । ଏହି ପାଂଚଦିନିଆ କାର୍ଯ୍ୟକ୍ରମରେ ଶତାଧିକ ଉଦ୍ୟୋଗୀ, ଶିଳ୍ପପ୍ରେମୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟି ଜିଲ୍ଲାରେ ଉଦ୍ୟୋଗିତାର ପ୍ରସାର, ନୂତନ ଉଦ୍ୟୋଗ ସୃଷ୍ଟି ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏକ ସଫଳ ପ୍ରୟାସ ଭାବେ ପରିଗଣିତ ହୋଇଛି ।

# ପ୍ରାକ୍ତନ ଶିକ୍ଷକ ତଥା ଟିଚର୍ସ କଲୋନୀ ସଭାପତି ଦାଶରଥି ବେହେରାଙ୍କ ପରଲୋକ

ବାଲେଶ୍ୱର, (ନି.ପ୍ର.): ପ୍ରାକ୍ତନ ଶିକ୍ଷକ ତଥା ଅରଡ଼ବଜାର ଟିଚର୍ସ କଲୋନୀର ସଭାପତି ଦାଶରଥି ବେହେରାଙ୍କର ୮୮ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଟିଚର୍ସ କଲୋନୀ ସମେତ ତାଙ୍କ ଜନ୍ମଗ୍ରାମ ବରଡିହାରେ ଶୋକର ଛାୟା ଖେଳିଯାଇଛି ।ତାଙ୍କ ସ୍ମୃତିରେ ସୋମବାର ଅପରାହ୍ନରେ ଟିଚର୍ସ କଲୋନୀ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ଏଥିରେ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ କଲୋନୀର ବହୁ ଅଧିବାସୀ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ ।ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଶୈଳେନ୍ଦ୍ର କୁମାର ରାଉଳ, ଅଚ୍ୟୁତ ବେହେରା, ଯୁବନେତା ସେକ୍ ଅନସର ଅଲ୍ଲୀ, ପ୍ରଦୀପ ପଣ୍ଡା, ପରୀକ୍ଷିତ ଜେନା, ବିଦ୍ୟାଧର ମହାଲିକ, ଗଙ୍ଗାଧର ଜେନା, ଯୋଗେନ୍ଦ୍ର ଧଳ, ପର୍ଶୁରାମ ପ୍ରଧାନ, ରମାକାନ୍ତ ଜେନା ଓ ନିରଞ୍ଜନ ପରିଡ଼ା ପ୍ରମୁଖ ରହିଥିଲେ ।ବକ୍ତାମାନେ ସ୍ୱର୍ଗତ ବେହେରାଙ୍କୁ ଜଣେ ନିର୍ଭୀକ, ମିଷ୍ଟଭାଷୀ, ପରୋପକାରୀ, ସମାଜସେବୀ ଓ କର୍ମଯୋଗୀ ବ୍ୟକ୍ତିତ୍ୱ ଭାବେ ସ୍ମରଣ କରିଥିଲେ । ଆଜୀବନ ମହିମା ଧର୍ମର ଅନୁଗାମୀ ଥିବା ସେ ସରଳ ଜୀବନଯାପନ ଓ ସେବାଭାବ ପାଇଁ ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ୧୯୩୯ ମସିହାରେ ବାଲେଶ୍ୱର ସଦର ବ୍ଲକର ବରଡିହା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦାଶରଥି ବେହେରା ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ୧୯୯୮ ମସିହାରେ ଅବସର ଗ୍ରହଣ ପରେ ସେ ବାଲେଶ୍ୱର ଟିଚର୍ସ କଲୋନୀରେ ବସବାସ କରୁଥିଲେ ଏବଂ ସାମାଜିକ କାର୍ଯ୍ୟକଳାପ ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ ।



# ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ କାର୍ଯ୍ୟକ୍ରମର ଶୁଭାରମ୍ଭ

ବାଲେଶ୍ୱର(ନି.ପ୍ର.) ବିକଶିତ ଭାରତ ରୋଜଗାର ଗ୍ୟାରେଂଟି ଏବଂ ଆଜିବିକା ମିଶନ ଗ୍ରାମୀଣର ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ ଶୁଭାରମ୍ଭ କାର୍ଯ୍ୟକ୍ରମ ୨ ତାରିଖ ପୂର୍ବାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଯୋଜନାବୋର୍ଡ଼ର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଦର ବିଧାୟକ ମାନସ କୁମାର ଦତ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଓ ସଂଜୟ କୁମାର ରାଉତ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିକାଶିତ ଭାରତ ଭିଭିଜିରାମଜି ଯୋଜନା କିପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇ ଜନାଭିମୁଖୀ ହୋଇପାରିବ ସେ ଦିଗରେ ନିର୍ବାଚିତ ପିଆରଆଇ ମେମ୍ବର ପ୍ରତିନିଧିମାନେ ସହଯୋଗ କରିବା ସହ ଦୃଷ୍ଟି ଦେବେ ବୋଲି ମଂଚ ପକ୍ଷରୁ କୁହାଯାଇଛି ।



# ପୁରୀ ସରସ୍ୱତୀ ଶିଶୁ ମନ୍ଦିର ବିରୁଦ୍ଧରେ ଜିଲ୍ଲାପାଳଙ୍କ ଠାରେ ସ୍ମାରକପତ୍ର

ବାଲେଶ୍ୱର(ନି.ପ୍ର.) ପ୍ରଧାନ ଶିକ୍ଷକ ଏସ ଏଲ ସି ନ ଦେବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ପାଖରେ ଗୁରୁତର ଅଭିଯୋଗ. ବାଲେଶ୍ୱର ସହର ସାହସଦେବ ଖୁଂଟା ରେ ଥିବା ପୁରୀ ସରସ୍ୱତୀ ଆବାସିକ ଶିଶୁ ମନ୍ଦିର ର ୬ ଜଣ ପିଲା ନିର୍ଯ୍ୟାତନା ଭୋଗୁଥିବା ଅଭିଯୋଗ ଆଣି ସେଠାରେ ନ ରହି ଅନ୍ୟ ବିଦ୍ୟାଳୟ ରେ ପଢିବାକୁ ଚାହୁଁଥିବାରୁ ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଭିଭାବକ ମାନଙ୍କୁ ଟି ସି ଦେଉ ନ ଥିବା ଅଭିଯୋଗ ଆଣିଛନ୍ତି ପିଲାଙ୍କ ଅଭିଭାବକ ମାନେ. ବାଲିଆପାଳ ଓ ସଦର ବ୍ଲକ ର ଏହି ପିଲାଙ୍କ ଅଭିଭାବକ ମାନେ ଶିଶୁ ମଙ୍ଗଳ କମିଟି ର ପୂର୍ବତନ ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଙ୍କ ସହିତ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ଙ୍କୁ ଭେଟିବା ସହିତ ଅଭିଯୋଗ ପତ୍ର ଓ ଏସ ଏଲ ସି ନେବା ପାଇଁ ଅନୁରୋଧ କରିଥିଲେ. ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ତୁରନ୍ତ ସମସ୍ତ ଅଭିଯୋଗ ର ତଦନ୍ତ କରାଇବା ସହିତ ଆସନ୍ତା କାଲି ଏସ ଏଲ ସି ପ୍ରଦାନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି. ପ୍ରକାଶ ଥାଉକି ଶିକ୍ଷା ଅଧିକାରୀ ଙ୍କ ବିନା ମଞ୍ଜୁରୀ ରେ ହଷ୍ଟେଲ କରି ପିଲାଙ୍କୁ ରଖା ଯିବା ସହିତ ୯ମ ଓ ୧୦ ମ ଶ୍ରେଣୀ ପାଇଁ ଅନୁମତି ନ ଥାଇ ପିଲାଙ୍କ ଅଭିଭାବକ ମାନଙ୍କୁ ମିଛ ପ୍ରତିଶୃତି ଦେଇ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି. ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି କାର୍ଯାନୁଷ୍ଠାନ ନେବାକୁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଦାବୀ କରିଛନ୍ତି ।



# ୩୫ବର୍ଷର ଶିକ୍ଷାସେବାର ପୂର୍ଣ୍ଣାହୁତି: ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କଳିଙ୍ଗନଗର(ନିପ୍ର): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଂଚଳ ନିକଟସ୍ଥ ମହାପାଟ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କବିତା ନାୟକଙ୍କ ଅବସର ଉପଲକ୍ଷେ ସୋମବାର ଏକ ଗରିମାମୟ ବିଦାୟକାଳୀନ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଦୀର୍ଘ ବର୍ଷ ଧରି ନିଷ୍ଠା, ସମର୍ପଣ ଓ ଛାତ୍ରବତ୍ସଳତା ସହ ଶିକ୍ଷାଦାନ କରି ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କବିତା ନାୟକଙ୍କୁ ଭାବପୂର୍ଣ୍ଣ ବିଦାୟ ଜଣାଇଥିଲେ ଶିକ୍ଷକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରିନ୍ସିପାଲ ଦୁର୍ଯ୍ୟୋଧନ ବେହେରା ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷାବିତ୍ ଚନ୍ଦ୍ରକାନ୍ତ ଘଡ଼ାଇ ମୁଖ୍ୟ ବକ୍ତା ଏବଂ ବ୍ଲକ ସହ ଶିକ୍ଷା ଅଧିକାରୀ କଣ୍ଠ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନର ଉଚ୍ଚ ପ୍ରଶଂସା କରିଥିଲେ । ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ଜେନା, ପୂର୍ବତନ ଶିକ୍ଷକ ଗୁଣମଣି ଜେନା, କୁଳମଣି ମୁଦୁଲି, ହୃଷୀକେଶ ବିଶ୍ୱାଳ ଓ ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତି ମୁଦୁଲି ପ୍ରମୁଖ ଉପସ୍ଥିତ ରହି କବିତା ନାୟକଙ୍କ ଶିକ୍ଷାଦାନର ଆଦର୍ଶ, କର୍ତବ୍ୟନିଷ୍ଠା ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ କବିତା ନାୟକଙ୍କୁ ମାନପତ୍ର, ଉପଢୌକନ, ଛତା, ପବିତ୍ର ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ବିଭିନ୍ନ ସ୍ମାରକ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିଦାୟ ବେଳର ଭାବପ୍ରବଣ ପରିବେଶରେ ଉପସ୍ଥିତ ଅନେକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ । ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତି ମୁଦୁଲି ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଉପସ୍ଥିତ ସମସ୍ତେ କବିତା ନାୟକଙ୍କ ଅବସର ଜୀବନ ସୁଖମୟ, ସୁସ୍ଥ ଓ ସମୃଦ୍ଧ ହେଉ ବୋଲି କାମନା କରିଥିଲେ ।



# ୨୨୦ ବ୍ୟବସାୟୀଙ୍କ ଜୀବିକା ସଙ୍କଟରେ

ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ବଜାରରେ ସରକାରୀ ଜମିରୁ ବେଆଇନ ଦଖଲ ଉଚ୍ଛେଦ ପାଇଁ ଧାମନଗର ତହସିଲ ପକ୍ଷରୁ ଜାରି ହୋଇଥିବା ଶେଷ ନୋଟିସକୁ ନେଇ ସମଗ୍ର ଅଂଚଳରେ ଅସନ୍ତୋଷ ତୀବ୍ର ହୋଇଛି । ପ୍ରାୟ ୨୨୦ ଜଣ ଛୋଟ ଓ ମଧ୍ୟମ ବ୍ୟବସାୟୀ ଏହି ନୋଟିସ ଯୋଗୁଁ ପ୍ରଭାବିତ ହେବାକୁ ଥିବାବେଳେ, ସେମାନଙ୍କ ଜୀବିକା ଏବଂ ହଜାରରୁ ଅଧିକ ପରିବାରର ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି । ବ୍ୟବସାୟୀମାନେ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇବା ସହ ଉଚ୍ଛେଦ ପ୍ରକ୍ରିୟାରେ ପାତରଅନ୍ତର ଓ ରାଜନୈତିକ ପକ୍ଷପାତିତାର ସଙ୍ଗିନ ଅଭିଯୋଗ ଆଣିଛନ୍ତି । ଧୂଷୁରୀ ଥାନା ଅନ୍ତର୍ଗତ ନରସିଂହପୁର ମୌଜାର ଖାତା ନମ୍ବର ୮୧୨, ପ୍ଲଟ ନମ୍ବର ୧୮୭୪ରେ ଥିବା ସରକାରୀ ଜମିରେ ଗଢ଼ିଉଠିଥିବା କେବିନ ଓ ଅସ୍ଥାୟୀ ଦୋକାନ ହଟାଇବା ପାଇଁ ଫର୍ମ 'ଖ'ର ୭(୧) ଧାରା ଅନୁଯାୟୀ ନୋଟିସ ଜାରି କରାଯାଇଛି । ନୋଟିସରେ ୩୦ ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଦୋକାନ ହଟାଇବାକୁ କୁହାଯାଇ ଥିବା ବେଳେ, ତାହା ନକଲେ ପ୍ରଶାସନ ପକ୍ଷରୁ ବଳପୂର୍ବକ ଉଚ୍ଛେଦ କରାଯିବ ବୋଲି ସ୍ପଷ୍ଟ କରାଯାଇଛି । ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଧୂଷୁରୀ ବଜାର ଉପରେ ହରିହଂଶ, ଓଲଟପୁର, ଧୂଷୁରୀ, ନରସିଂହପୁର, ବାହାର ବିଲି, ବ୍ରାହ୍ମଣପାଳ ଓ ଡକାସାହି ସମେତ ପ୍ରାୟ ୭ରୁ ୮ଟି ପଂଚାୟତର ଲୋକ ଜୀବିକା ପାଇଁ ନିର୍ଭର କରୁଛନ୍ତି । ପ୍ରାୟ ୧୦୦୦ରୁ ଅଧିକ ଲୋକଙ୍କ ଜୀବିକା ଏହି ବଜାର ସହ ଜଡ଼ିତ ଥିବାବେଳେ, ପୁନର୍ବାସ କିମ୍ବା ବିକଳ୍ପ ସ୍ଥାନ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ଯୋଜନା ଘୋଷଣା ହୋଇନାହିଁ । ଅଭିଯୋଗ ଯେ, ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ ଓ ହନୁମାନ ମନ୍ଦିରଠାରୁ ବଜାର ଛକ ହୋଇ ଥାନା ରାସ୍ତା ପର୍ଯ୍ୟନ୍ତ ଥିବା ଦୋକାନ ଗୁଡ଼ିକୁ ନୋଟିସ ଦିଆଯାଇଥିବା ବେଳେ, ହାଇସ୍କୁଲ ପର୍ଯ୍ୟନ୍ତ ଥିବା ଅନ୍ୟାନ୍ୟ ଦୋକାନକୁ ବାଦ ଦିଆଯାଇଛି । ଏହାକୁ ନେଇ ଉଚ୍ଛେଦ ପ୍ରକ୍ରିୟାରେ ସମାନ ନୀତି ଅନୁସରଣ କରାଯାଇ ନଥିବାର ଅଭିଯୋଗ ଉଠିଛି । ବ୍ୟବସାୟୀ ମାନେ ଏହା ମଧ୍ୟ କହିଛନ୍ତି ଯେ, ନୋଟିସ ବଂଟନ ସମୟରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ସ୍ପଷ୍ଟ ନଥିଲା ଏବଂ ତହସିଲ କାର୍ଯ୍ୟାଳୟରୁ ସିଧା ସଳଖ କର୍ମଚାରୀ ଆସି ନୋଟିସ ବଂଟନ କରିଥିଲେ । ବ୍ୟବସାୟୀ ସଂଘ ସ୍ପଷ୍ଟ କରିଛି ଯେ, ଯଦି ପୁନର୍ବାସ ବ୍ୟବସ୍ଥା ଓ ସମାନ ନୀତିରେ ଉଚ୍ଛେଦ ପ୍ରକ୍ରିୟା କରାନଯାଏ, ତେବେ ୭-୮ଟି ପଂଚାୟତର ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ନେଇ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରାଯିବ ।

# ବର୍ଷା ଦିନେ ଆରଡବ୍ଲୁଏସଏସ ଖୋଲୁଛି ନଳକୂପ, ଗ୍ରାମବାସୀଙ୍କ ବିରୋଧ

ନୀଳଗିରି(ନିପ୍ର): ନୀଳଗିରି ବ୍ଲକ ସିଆଡିମାଳପଂଚାୟତ ଅଧିନସ୍ଥ ଚତର ଗ୍ରାମ ଟି ଛୋଟ ରଭିନ୍ୟୁ ଗାଁ ଅଟେ । ଉକ୍ତ ଗ୍ରାମକୁ ମେଗା ପାନୀୟ ଜଳ ଯୋଗାଣ ହୋଇଛି । ଗ୍ରାମରେ ଆବଶ୍ୟକତା ଦୃଷ୍ଟି ରୁ ନଳକୂପ ରହିଥିବା ବେଳେ ୧୦୦ମିଟର ଦୂରରେ ନଳକୂପ ରହିଛି । ମାତ୍ର ଉଦ୍ଦେଶ୍ୟ ମୂଳକ ଭାବେ ଗାଁ ମୁଣ୍ଡ ରେ ଥିବା ପଡ଼ିଆରେ ପୁଣି ବର୍ଷା ଋତୁରେ ବିନା ଫଳକ ରେ ନଳକୂପ ଖନନକୁ ଗ୍ରାମର ମଧୁସ୍ମିତା ସାଇବାବୁ, ସଂଯୁକ୍ତା ସେଠୀ, ସୁକାନ୍ତି ଶାଶମଲ, ଭଗବାନ ସେଠୀ ସମେତ ବହୁ ଗ୍ରାମ ବାସୀ ଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ମାନେଚୁପ ବସିବା ଘଟଣା ସମସ୍ତ ଙ୍କୁ ଚକିତ କରିଛି । ଘଟଣା ସମ୍ପର୍କରେ ବିଡ଼ିଓ, ଆର ଡବ୍ଲୁଏସ ଏସବିଭାଗୀୟ ଅଧିକାରୀ କିଛି ଜାଣି ନ ଥିବା କହୁଥିବାବେଳେ କାହା ଇଙ୍ଗିତ ରେ କିଏ ଖୋଲୁଛି ତାହାର ଖୋଲାସା ପାଇଁ ଗ୍ରାମବାସୀ ମାନେ ସ୍ଥାନୀୟସରପଂଚ ସୁରଥ ସିଂ, ସମିତି ସଭ୍ୟ ରାଜୀବୀ ଦାସ ବାବୁ, ଆର ଡବ୍ଲୁଏସ ଏସ ଜେଇଇଂ ପ୍ରୀତି ଲତା ବାରିକ, ବିଡ଼ିଓ ବିକ୍ରମ କେଶରୀ ପରିଡା, ପୂର୍ବତନ ବିଧାୟକ ସୁକାନ ନାୟକଙ୍କ ଠାରେ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଆର ଡବ୍ଲୁଏସ ଏସ ଏସସି ଇଂ ରେବତୀ କୁଅଁର ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଯଦି ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନଅନିଅନ୍ତି ତାହାଲେ ବିରାଟ ଜନ ଆନ୍ଦୋଳନ ହେବ ବୋଲି ଅଭିଯୋଗ କାରୀ ମାନେକହିଛନ୍ତି ।

# ପୋଷଣ ଅଭିଯାନ; ଓଜନ ଉତ୍ସବ ୨୦୨୬-୨ ୭ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା(ନିପ୍ର): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ପୋଷଣ ଅଭିଯାନ, 'ଓଜନ ଉତ୍ସବ-୨୦୨୬-୨୭' ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ସଂଯୋଜନା କରିଥିଲେ । ଏଥି ସହ ପ୍ରହରାଜ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର, ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ ମାନଙ୍କ ସହ ଚଳିତ ଜୁଲାଇ ୧ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୦ ରୁ ୦୬ ବର୍ଷର ଶିଶୁ ମାନଙ୍କ ଓଜନ ଉତ୍ସବର ବିସ୍ତୃତ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ ଚଳିତ ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହ ଭାଗିତାରେ ଆୟୋଜନ କରାଯିବ । ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପିତାମାତା, ଶିଶୁର ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ନିଜ ଶିଶୁର ଓଜନ ଏବଂ ଉଚ୍ଚତା ମାପ କରାଇବେ । ଉତ୍ସବରେ ଶିଶୁର ପୋଷଣ ସ୍ଥିତି ଚିହ୍ନଟ ହେବା ପରେ ଆବଶ୍ୟକ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ମାଧ୍ୟମରେ ଗ୍ରହଣ କରାଯିବ । ବାଦ ପଡ଼ିଯାଇଥିବା ତଥା ଅପହଂଚ କିମ୍ବା ଦୁର୍ଗମ ଅଂଚଳର ଶିଶୁ ମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବା ଏହି ମହତ୍ କାର୍ଯ୍ୟର ଲକ୍ଷ ଅଟେ ବୋଲି ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ପ୍ରକାଶ କରି କାର୍ଯ୍ୟରେ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମସ୍ତେ ନିଷ୍ଠାପର ଭାବେ ସେବା ପ୍ରଦାନ କରି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ମାନଙ୍କ ସୁସ୍ଥ ଶରୀର ଗଠନ ଦିଗରେ ଉତ୍ସର୍ଗୀ କୃତ ଯୋଗଦାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜନସାଧାରଣ ମାନେ ପୋଲିସ ହେଲ୍ପ ଲାଇନ ୧୧୨, ମହିଳା ହେଲ୍ପଲାଇନ ୧୮୧ ଏବଂ ଶିଶୁ ହେଲ୍ପ ଲାଇନ ୧୦୯୮ ରେ ଯୋଗାଯୋଗ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ । ଏଠାରେ ପ୍ରକାଶ ଥାଉକି ଗଭୀର ଭାବରେ ବୃଦ୍ଧିରେ ପ୍ରଭାବ ପଡ଼ିଥିବା ୩୩୧୦ ଶିଶୁ ମାନଙ୍କର ଅଗ୍ରାଧିକାର ଭିତିରେ ସର୍ଭେ କରାଯିବ । ସେହିପରି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାସ୍ତରୀୟ ସଂଶୋଧିତ ପରିବର୍ଦ୍ଧିତ ଖାଦ୍ୟ ତାଲିକା ଖର୍ଚ୍ଚ ନିୟମ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଉପ ପରିଚାଳିକା , ପରିବର୍ଦ୍ଧିତ ଶିଶୁ ଯତ୍ନ, ରୋଜାଲିନ ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶ, ଅନୁପମା ଭୋଇ, ଦେବକୀ ସାହୁ ଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନେ ଯୋଗ ଦେଇଥିଲେ ।



# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୟାଗଡ଼(ନିପ୍ର): ଓଡ଼ଗାଁ ବ୍ଲକ ମଗରବନ୍ଧ ପଂଚାୟତ ଅନ୍ତର୍ଗତ ବାଲିସାହି, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଦିନ ସମ୍ମାନ ଜନକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସର ନେଉଥିବା ଶିକ୍ଷକ ପ୍ରସନ୍ନ କୁମାର ବେହେରାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭକ୍ତରଞ୍ଜନ ମିଶ୍ର ମୁଖ୍ୟ ବକ୍ତା, ଏବିଇଓ ରାଜକିଶୋର ସାହୁ ମୁଖ୍ୟ ଅତିଥି ଭାବରେ ଓ ସମ୍ମାନିତ ଅତିଥି ଭାବରେ ଆ*ଳିକ ସାଧନ କେନ୍ଦ୍ର ସଂଯୋଜକ ରାଜକୁମାର ସେଠୀ ଓ ସମିତି ସଭ୍ୟ ଭଗବାନ ପ୍ରଧାନ ମଂଚାସୀନ ଥିବା ପରିଲକ୍ଷିତ ହୋଇଥିଲା । ବିଶେଷ ସମ୍ମାନିତ ଅତିଥି ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର କର୍ମଚାରୀ ଜଗଦୀଶ ଚୌଧୁରୀ ଉପସ୍ଥିତ ଥିଲେ । ତତ୍ ସହିତ ସଂପୃକ୍ତ ଆଂଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ହୋଇ ପ୍ରସନ୍ନ କୁମାର ବେହେରାଙ୍କ ଦୀର୍ଘ ୩୭ ବର୍ଷର ନିରବଚ୍ଛିନ୍ନ ସେବା, ତ୍ୟାଗ, ନିଷ୍ଠା ଆଦିର ଗୁଣଗାନ କରିବା ସହିତ ବେହେରାଙ୍କ ଉତରୋତର ଉନ୍ନତି କାମନା କରିଥିଲେ । ଏବିଇଓ ରାଜକିଶୋର ସାହୁ ଅବସର ଗ୍ରହଣ କରୁଥିବା ଶିକ୍ଷକ ବେହେରାଙ୍କୁ ତାଙ୍କର ପ୍ରୋଭିଜିନାଲ ପେନସନ ସମ୍ବନ୍ଧୀୟ କାଗଜ ପତ୍ର ପ୍ରଦାନ କରିବା ସହିତ ଭବିଷ୍ୟତରେ ଅନ୍ୟାନ୍ୟ କାଗଜ ପତ୍ର କରିବା ପାଇଁ ସାହାଯ୍ୟ ସହଯୋଗ କରିବା ପାଇଁ ଘୋଷଣା କରିଥିଲେ । ଶେଷରେ ଅବସର ପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ବେହେରା ସମସ୍ତ ଅଭିଭାବକ ମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ଏକମାତ୍ର ସହକାରୀ ଶିକ୍ଷକ ସଞ୍ଜୟ କୁମାର ମିଶ୍ରଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।



# ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧଙ୍କର ଆତ୍ମହତ୍ୟା

ସୋର(ନିପ୍ର): ସୋର ରେଳ ଷ୍ଟେସନ ଦକ୍ଷିଣକୁ ଲିଙ୍ଗପଡ଼ା ଗେଟ ପାଖାପାଖି ଡାଉନ୍ ଲାଇନ୍‌ରେ ଆସିଥିବା ଏକ ମାଲଗାଡ଼ି ଆଗକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଦେଖାଯାଇଛି । ବୃଦ୍ଧ ଜଣଙ୍କର ଘର ଖଇରା ବ୍ଲକ ତୁଡ଼ିଗଡ଼ିଆ ଡାଲଙ୍ଗର ସୁଦର୍ଶନ ଶତପଥୀ (୮୧) ବୋଲଇ ଜଣାପଡ଼ିଛି । ଖବର ପାଇଁ ସୋର ଆରପିଏଫ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତେବେ କେଉଁ କାରଣରୁ ବୃଦ୍ଧ ଜଣକ ଆତ୍ମହତ୍ୟା କଲେ ଜଣାପଡ଼ି ନଥିଲେ ବି ଜିଆରପି ତଦନ୍ତ ଜାରି ରଖିଛି ।


No. 13001/1040/2627

OFFICE OF THE MUNICIPALITY, BASUDEVPUR.

At/P.O.-Basudevpur, Dist.-Bhadrak, Odisha, Pin-756125
Phone: (06784) 271252 (Off.), Fax: (06784) 271252,
E-mail: basudevpurn.hud@nic.in/ basudevpurnac@gmail.com

Letter No.1800 Date:25.06.2026

**REQUEST FOR PROPOSAL**

The Executive Officer, Basudevpur Municipality invites sealed Request for Proposal (RFP) from interested Central Govt./State Govt. Agencies/Organizations for "Request for Proposal (RFP) for Implementation & installation of Traffic Signals at 5 nos. of strategic places of Basudevpur Municipality. The RFP Document containing the details of criteria, submission requirement, objective, scope of work etc. can be downloaded from the website https://basudevpurmunicipality.in/.

Further details, if any, may be obtained from Basudevpur Municipality - 756125 during working hours. Last date for submission of RFP is 13th July 2026 up to 4pm. Sealed envelope marked to Basudevpur Municipality-756125, containing RFP with all relevant documents may be submitted mentioning "Implementation & Installation of Traffic Signals at 5 nos. of Strategic places of Basudevpur Municipality" on the top of the envelope. The Sealed RFP documents should be send through Speed Post/Regd. Post The Office will not be responsible for any postal delay. The authority has rights to cancel the RFP at any stage without assigning any reason thereof.

Sd/-
Executive Officer
Basudevpur Municipality

OIPR. 13001/13135/1/26-27/0004



No. 25001/621/2627

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No. 4453 // Date: 01.07.2026

"e" Procurement Notice for Improvement to Existing RD Road works for year 2026-27.
Bid Identification No – RWDKNJ –08 / 2026-27

1. Name of the work : Road Works (As per Annexure)
2. Estimated Cost : Rs. 90.16 Lakhs Approximately (As per Annexure).
3. Class of Contractor : 'B' Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Opening of Tender in O/O S.E. R.W. Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Karanjia | Road Online RWDKNJ-08/26-27. | Dt. 04.07.2026 at 11.00 A.M. | Dt.09.07.2026 up to 5.00 P.M. | Dt.08.07.2026 up to 1.00 P.M. | 10.07.2026 11.00 A.M. | Will be intimated Later. |

Sd/-
Executive Engineer
R.W. Division, Karanjia

OIPR. 25001/25086/1/26-27/0006



No. 25001/630/2627

OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No. 4454 Date: 01.07.2026

"e" Procurement Notice for Special Repair to Roads for year 2025-26.
Bid Identification No – RWDKNJ –07 / 2026-27


1. Name of the work : Road Works (As per Annexure)
2. Estimated Cost : Rs. 16.27 to Rs.27.12 Lakhs Approximately (As per Annexure).
3. Class of Contractor : 'D','C' & 'B','C' Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-07/26-27. | Dt. 04.07.2026 at 11.00 A.M. | Dt.09.07.2026 up to 5.00 P.M. | Dt.08.07.2026 up to 1.00 P.M. | Dt.10.07.2026 at 11.00 A.M. |


Sd/-
Executive Engineer
R.W. Division, Karanjia

OIPR. 25001/25086/1/26-27/0007



ଅନ୍ୟର ଦୁର୍ଗୁଣ ଶୁଣି ଖୁସି ହୁଅ ନାହିଁ ଏବଂ ନିଜେ ସେହିପରି ଦୁର୍ଗୁଣ ଠାରୁ ଦୂରେଇ ରୁହ ।

# ଆଜିକାଲି



ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଳୋଽଭବତ୍ ॥

(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ତା'ପରେ ପରେ କୌରବ ପକ୍ଷରେ ବହୁ ଶଙ୍ଖ, ଭେରୀ, ନାଗରୀ, ମର୍ଦ୍ଦଳ ଓ ରଣଶିଙ୍ଗା ଆଦି ବାଦ୍ୟ ଏକ ସଂଗେ ବାଜି-ଉଠିଲା । ସେ ସବୁର ଶବ୍ଦ ଅତି ଭୟଙ୍କର ହୋଇଥିଲା ।

## କେ.ଜି ରୁ ପି.ଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା

ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି ନାମରେ ରାଜ୍ୟ ସରକାର ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ କେ.ଜି ରୁ ପି.ଜି ପର୍ଯ୍ୟନ୍ତ ଓଡିଶାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାପ୍ରଦାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏଥିରେ ସରକାରୀ ଓସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କୌଣସି ଦେୟ ପଡିବ ନାହିଁ । ବୁଧବାର ଦିନ ରାଜ୍ୟ କ୍ୟାବିନେଟର ୪୩ତମ ବୈଠକରେ ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧିକୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଐତିହାସିକ ନିଷ୍ପତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ର କିମ୍ବା ଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଂଚିତ ହେବେ ନାହିଁ । କିମ୍ବା ପାଠପଢା ମଝିରୁ ପାଠ ଛାଡିବେ ନାହିଁ । ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ । ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀ ମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ । ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଓଡ଼ିଶାରେ କିଣ୍ଡରଗାର୍ଟେନ୍ ବା କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିଲା । ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଂଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି । ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀ ମାନଙ୍କୁ ହିଁ ମିଳିବ । ସେଲ୍ଫ-ଫାଇନାନ୍ସିଙ୍ଗ୍ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍ ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ । ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ । ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଂଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି । ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ । ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ ।

# ସଭ୍ୟତାର ମୂଳରେ ହେତୁବାଦୀ ଚିନ୍ତନ



◆ ଅଧ୍ୟାପକ ଗୋପବନ୍ଧୁ

ଗୁମ୍ଫା ଓ ବୃକ୍ଷ କୋରଡରେ ବସବାସ କରୁଥିବା ମନୁଷ୍ୟ ଦୀର୍ଘ ପଥ ଅତିକ୍ରମ କରି ଆଜି ଆଧୁନିକ ସଭ୍ୟତାରେ ପହଂଚିଛି । ତାକୁ ଆଜି ସୁସଭ୍ୟ ବୋଲି କୁହାଯାଉଛି । ଏହି ସୋପାନରେ ପହଂଚିବା ପାଇଁ ତାକୁ ବହୁ ବୌଦ୍ଧିକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଛି । ଏ ସଂଘର୍ଷ ଘଟିଛି ହେତୁବାଦୀ ଧାରଣା ଓ ଅନ୍ଧବିଶ୍ୱାସ ମଧ୍ୟରେ । ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତୀ ଥିଲା । ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି । ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି । ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛାବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା । ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲା । କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା । ଅଭିଜ୍ଞତା ତାକୁ କାରଣୀକତା ସମ୍ବନ୍ଧରେ ଅବଗତ କରାଇଲା । ସେ ଲକ୍ଷ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି । ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା । ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା । ତାର ଏହି କରଣୀକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ । କାରଣବାଦ ହିଁ ହେତୁବାଦ । ହେତୁବାଦ ହେଉଛି ବିଜ୍ଞାନର କେନ୍ଦ୍ରୀୟ ତତ୍ୱ । ଏହା ବିନା ବିଜ୍ଞାନ ଅକଳ୍ପନୀୟ । କୁହାଯାଉଛି ଆଧୁନିକ ସଭ୍ୟତା ବିଜ୍ଞାନ ଉପରେ ପର୍ଯ୍ୟବେଶିତ । ଏହାର ଅର୍ଥ ହେତୁବାଦ ଏହା ପଛର ମୁଖ୍ୟ ଆଧାର । କାରଣ ବିଜ୍ଞାନ ଯେଉଁଠାରେ ଅଛି ହେତୁବାଦ ସେହିଠାରେ ଅଛି । ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେନାହିଁ । ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ । କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ । ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି । ବିନା



କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ । କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି । ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉନାହିଁ । ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି । କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ । ଏହାହିଁ ହେତୁବାଦ । ଅତୀତରେ ଲୋକେ ଅନ୍ଧବିଶ୍ୱାସକୁ ସତ୍ୟବୋଲି ଭାବି ନେଉଥିଲେ । କୌଣସି ପ୍ରକାର ପ୍ରଶ୍ନ କରୁନଥିଲେ । ଏବେ କିନ୍ତୁ ସେ ସମୟ ଆଉ ନାହିଁ । କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ । ଏହା ସହିତ ତୁମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ତୁମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ । ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ । ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ । ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ । କାରଣ ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ । ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ହେଉଛି ବିଚାରବୁଦ୍ଧି ସମ୍ପନ୍ନ ପ୍ରାଣୀ । ଏଥିରୁ ତର୍କଶୀଳତା, ନ୍ୟାୟଶୀତଳା, ସମତା ଓ ଭାତୃତ୍ୱଭାବ ଜନିତ ଅବଧାରଣା ଜାତ ହୁଏ । ଏହି ଗୁଣସମ୍ପନ୍ନ ବିନା ଜଣେ ସଭ୍ୟତାବାନ ହୋଇପାରିବ ନାହିଁ । ବିଚାରବୁଦ୍ଧି ସମ୍ପନ୍ନ ହେବା ହେତୁବାଦୀ ଧାରଣା ବିନା ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ହତୁବାଦ କେବଳ ଏକ ବିଚାର ନୁହେଁ । ଏହା ବିକାଶର ବାହକ ମଧ୍ୟ । ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ର ଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି । ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି । ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି । ସେମାନେ ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖିନାହାଁନ୍ତି । ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି । ହେତୁବାଦୀ ସାମାଜିକ ଦୃଷ୍ଟିଭାଙ୍ଗି ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ନିବୃତ ରଖିଛି । ଦୈନନ୍ଦିନ ଜୀବନରେ ତଥାକଥିତ ଧର୍ମର ଆବଶ୍ୟକତାକୁ ସୀମିତ କରିଛି । ତେଣୁ ସମସ୍ତ ସମୟ, ଶ୍ରମ ଓ ଅର୍ଥକୁ ପ୍ରଗତିପାଇଁ ବିନିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବୈଜ୍ଞାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ଏହି ରାଷ୍ଟ୍ରମାନେ ବିକାଶର ଦୌଡରେ ବହୁ ପଛରେ ପଡିଯାଇଛନ୍ତି । ଯେଉଁଠାରେ ଅନ୍ଧବିଶ୍ୱାସ ଅଛି ସେଠାରେ ନାନା କର୍ମକାଣ୍ଡ ଅଛି । ଏ ଦିଗରେ ଅନାବଶ୍ୟକଭାବେ ସମୟ, ଅର୍ଥ ଓ ଶ୍ରମର ବିନିଯୋଗ ମଧ୍ୟ ଅଛି । ଅନ୍ଧବିଶ୍ୱାସର ମୁଖ୍ୟ ପୃଷ୍ଠପୋଷକ ହେଉଛି ଧାର୍ମିକ ମୌଳବାଦ । ଏମାନେ ସଦାସର୍ବଦା ଧର୍ମଭିତିକ ହିଂସା ସୃଷ୍ଟି ଓ ମାତ୍ରାଧିକଭାବେ ଧାର୍ମିକ ରୀତିନୀତି ସମ୍ପାଦନରେ ନିଜର ଶ୍ରେଷ୍ଠ ଉଦ୍ୟମକୁ ବିନିଯୋଗ କରନ୍ତି । ଫଳରେ ନିଜର ବ୍ୟକ୍ତିତ୍ୱର ବିକାଶ ଓ ଆର୍ଥିକ ବିକାଶ ଦିଗଟି ପ୍ରତି ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ । ଏମାନଙ୍କ ସାମଗ୍ରୀକ ସାମାଜିକ ଚେତନା ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇ ଥାଏ । ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ । ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ । ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ । ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତିଭୂମି ଆପେ ତିଆରି ହୋଇନାହିଁ । ଏଥିପାଇଁ ତାଙ୍କୁ ଦୀର୍ଘ ସଂର୍ଘଷ କରିବାକୁ ପଡିଛି । ବିଶେଷକରି ଇଉରୋପରେ ଏ ସଂର୍ଘଷ ରେନାସା ନାମରେ ସୁପ୍ରସିଦ୍ଧ । ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା । ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା । ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ । ଏହା ରକ୍ତାକ୍ତ ସଂଘର୍ଷ ନଥିଲା । ଗୋଡାଗୋଡି, ମାଡ଼ଗୋଳ, ପଥର ଫିଙ୍ଗାଫିଙ୍ଗି, ହଣାକଟାର ସଂଘର୍ଷ ଏହା ନଥିଲା । ସଂର୍ଘଷ ଭିତରେବି ସହନଶୀଳତା ଥିଲା । ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା । ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ । ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତା କିପରି ଶ୍ରେଷ୍ଠ ବୋଲି ମାନିନେବ । ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ । ପରିବର୍ତନ ଅବସମ୍ଭାବୀ । ରେନାସା ଆସିବହିଁ ଆସିବ । ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖରହେବ ପରିବର୍ତନର କ୍ଷୀପ୍ରତା ସେତେ ଅଧିକ ହେବ । ଏ ପରିବର୍ତନ ଆନ୍ଦୋଳନର ନେତୃତ୍ୱ ନେବ ବିଜ୍ଞାନ ।

*(ଅବସରପ୍ରାପ୍ତ), ଦର୍ଶନ ବିଭାଗ, ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*



## ଅଣସର ନୀତି

◆ ରାମଚନ୍ଦ୍ର ବେହେରା

ତପ୍ତ ନିଦାଘର ଉଷ୍ମ ଗୁଳୁଗୁଳି
ସହି ନପାରିଲେ ଦିଅଁ
ଶହେ ଆଠ ଗରା ସୁବାସିତ ଜଳେ
ସ୍ନାନ କଲେ ଶ୍ରଦ୍ଧା ସହ
ସ୍ନାନ ବିଧି ହେଲା ଅନ୍ତ
ହାତୀବେଶ ପରେ ଚତୁର୍ଦ୍ଧା ମୂରତି
ଜ୍ୱରରେ ହେଲେ ପୀଡିତ ।
ଅଣସର ଗୃହେ ଏକାନ୍ତ ବାସରେ
ରହିଲେ ଜଗତ କର୍ତା
ଅତ୍ୟଧିକ ସ୍ନାନ ବ୍ୟାଧି ଆଣି ଦେଲା
ଜଗତକୁ ଦେଲେ ବାର୍ତା
ଅଣସର ସେବା କାଳେ
ରନ୍ଧା ଖାଦ୍ୟ ତେଜି ପଣା ଓ ଚକଟା
ଆଦରିଲେ ପ୍ରଭୁ ଭଲେ ।
ତୁଳସୀ ଦୟଣା ରଂଗପୁଷ୍ପ ଆଦି
ଶ୍ରୀଅଂଗେ ନପାଏ ଶୋଭା
ଶ୍ୱେତବର୍ଣ୍ଣ ପୁଷ୍ପ ଲାଗି ହୋଇଥାଏ
ଦିଶେ ଭାରି ମନଲୋଭା
ଅପୂର୍ବ ସେ ସେବା ନୀତି
ଆଲଟ ଚାମର ସେବାରେ ପ୍ରଭୁଙ୍କୁ
ମିଳିଥାଏ ସୁଖ ଶାନ୍ତି ।
ଫୁଲୁରି ତେଲରେ ଘଷାମୋଡା ହୁଏ
ଦିଅଁଙ୍କ ପୁରା ଶରୀରେ
ଦଶ ମୂଳାରିଷ୍ଟ ଓଷୁଅ ସେବନେ
ସୁସ୍ଥତା ଫେରଇ ଧୀରେ
ଭୂଲି ରତ୍ନ ସିଂହାସନ
ଗମ୍ଭୀରା ଭିତରେ ବିଶ୍ରାମ କରନ୍ତି
ମନ୍ଦିର ଲାଗେ ଶ୍ରୀହୀନ ।
ସୁସ୍ଥ ହେଲା ପରେ
ଜାଗେ କୋଳାହଳ
ଛୁଟେ ଭକତଂକ ସୁଅ
ରଥାରୂଢ ହୋଇ ବଡଦାଣ୍ଡେ ପ୍ରଭୁ
ଯାଆନ୍ତି ମାଉସୀ ଗୃହ
ହସିଉଠେ ପୁରୀଧାମ
ଉତ୍କଳ ସଂସ୍କୃତି ପରମ୍ପରା ନୀତି
ବିଶ୍ୱରେ ପାଏ ସମ୍ମାନ ।

.........!!!!!!!!!.........

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୫୩୪୬*

# ସ୍ୱର୍ଣ୍ଣକୁମାରୀ ଦେବୀ

◆ ଗୋପୀନାଥ ଦାଶ



ବିଶିଷ୍ଟ କବିୟିତ୍ରୀ, ଔପନ୍ୟାସିକା, ସଙ୍ଗୀତଜ୍ଞ ଏବଂ ସାମାଜିକ କର୍ମୀଭାବେ ସ୍ୱର୍ଣ୍ଣ କୁମାରୀ ଦେବୀ ପ୍ରଖ୍ୟାତ । ପଶ୍ଚିମବଙ୍ଗର ପ୍ରଥମ ମହିଳା ଲେଖିକା ଭାବେ ସେ ପରିଚିତ । ୧୮୫୫ ମସିହା ଅଗଷ୍ଟ ୨୮ ତାରିଖରେ କଲିକତା ରେ ସ୍ୱର୍ଣ୍ଣକୁମାରୀଙ୍କ ଜନ୍ମ । ସେ ଦେବେନ୍ଦ୍ରନାଥ ଟାଗୋରଙ୍କ କନ୍ୟା ଏବଂ ଦ୍ୱାରିକାନାଥ ଠାକୁରଙ୍କ ନାତୁଣୀ ଥିଲେ । ରବୀନ୍ଦ୍ରନାଥ ଠାକୁରଙ୍କ ଠାରୁ ସ୍ୱର୍ଣ୍ଣ ୫ବର୍ଷ ବଡ଼ ଥିଲେ । ସେତେବେଳ ସମୟରେ ଝିଅ ମାନଙ୍କୁ ଘରୁ ବାହାରିବା ପାଇଁ ବାରଣ କରାଯାଉଥିଲା ତେଣୁ ଘରୁ ହିଁ ସ୍ୱର୍ଣ୍ଣ ନିଜ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ । ପରେ ସେ ସାହିତ୍ୟ କ୍ଷେତ୍ରରେ ମନୋନିବେଶ କରି ବିଭିନ୍ନ ପୁସ୍ତକ ରଚନା କରିଥିଲେ । ୧୮୬୮ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ଜାନକୀନାଥ ଘୋଷାଲଙ୍କୁ ବିବାହ କରିଥିଲେ । ବିବାହ ପରେ ଚାରି ପୁତ୍ର କନ୍ୟାଙ୍କ ଜନନୀ ହୋଇଥିଲେ ସ୍ୱର୍ଣ୍ଣ । ସ୍ୱାଧୀନତା ସଂଗ୍ରାମୀ ଶାରଳା ଦେବୀ ଚୌଧୁରାଣୀ ହେଉଛନ୍ତି ସ୍ୱର୍ଣ୍ଣଙ୍କ କନ୍ୟା । ସ୍ୱର୍ଣ୍ଣଙ୍କ ଲିଖିତ ଉପନ୍ୟାସ ମଧ୍ୟରେ ଦୀପନିର୍ବାଣ, ମିବର ରାଜ, ମାଳତୀ, ବିଦ୍ରୋହ, ବିଚିତ୍ର ଆଦି ପ୍ରମୁଖ । ଦୀପ ର୍ନିବାଣ ଉପନ୍ୟାସଟି ଭାରତର ନଅଟି ଆଂଚଳିକ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଥିଲା । ଜଣେ ସାମାଜିକ କର୍ମୀ ଭାବେ ଅସହାୟ ଓ ଆର୍ଥିକ ଅନଗ୍ରସ ଗରିବ ଝିଅ ମାନଙ୍କୁ ସେ ନିଜ ଖର୍ଚ୍ଚରେ ପାଠ ପଢ଼ାଉ ଥିଲେ । କିଛି ଆଧାତ୍ମିକ ଓ ନାରୀ ସେବା ସଙ୍ଗଠନ ସହ ସେ ପରୋକ୍ଷ ଭାବେ ଜଡ଼ିତ ରହି କିଛି ସମୟ ନିର୍ବାହ କରୁ ଥିଲେ । ୧୯୨୭ ମସିହାରେ ସ୍ୱର୍ଣ୍ଣଙ୍କୁ ୟୁନିଭର୍ସିଟି ଅଫ କଲିକତା ତରଫରୁ ଜଗତାରିଣୀ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ୧୯୩୬ ମସିହା ଜୁଲାଇ ମାସ ୩ ତାରିଖ ଦିନରେ ସ୍ୱର୍ଣ୍ଣ କୁମାରୀ ଦେବୀ ଇହଧାମ ତ୍ୟାଗ କରିଥିଲେ ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା : ୮୮୯୫୨୯୬୧୬୭*

## ଅନ୍ତର୍ଜାତୀୟ ପ୍ଲାଷ୍ଟିକ ମୁଣା ବର୍ଜନ ଦିବସ

# ବର୍ଜନ କରନ୍ତୁ ପ୍ଲାଷ୍ଟିକ ମୁଣା

ଆମେ ଦୋକାନରୁ କିଛି କିଣିବା ପରେ, ସାଧାରଣତଃ ଦୋକାନୀ ପ୍ଲାଷ୍ଟିକ ବା ପଲିଥିନ୍ ମୁଣାରେ, ଜିନିଷ ବଢ଼ାଇଦିଏ । ଘରକୁ ଫେରି, ଜିନିଷ ସାଇତିବା ପରେ ଆମେ ମୁଣା ଫୋପାଡ଼ିଦେଉ । ଅର୍ଥାତ୍ ଅଳ୍ପ କିଛି ସମୟ ଭିତରେ ଆମେ ମୁଣାଠାରୁ ମୁକ୍ତି ପାଇଯାଉ । କିନ୍ତୁ ନା ପ୍ରକୃତରେ ଆମେ ମୁକ୍ତି ପାଉନା । କାରଣ ଗୋଟିଏ ପଲିଥିନ ମୁଣା ସଂପୂର୍ଣ୍ଣ ଭାବେ ମାଟିରେ ମିଶିବା ପାଇଁ ଶହେରୁ ପାଂଚ ଶହ ବର୍ଷ ଲାଗିଯାଏ । ଆଉ ଏହି ଲମ୍ବା ସମୟ ମଧ୍ୟରେ ଏହା ପରିବେଶର କ୍ଷତି କରିଚାଲେ । ଏଣୁ ପରିବେଶର ସୁରକ୍ଷା ବାବଦରେ ସଚେତନତା ସୃଷ୍ଟି ନିମନ୍ତେ ପ୍ରତି ବର୍ଷ ଜୁଲାଇ ୩ରେ ପାଳିତ ହେଉଛି ଅନ୍ତର୍ଜାତୀୟ ପ୍ଲାଷ୍ଟିକ ମୁଣା ବର୍ଜନ ଦିବସ । ଏହି ଅବସରରେ ଆସନ୍ତୁ ପଲିଥିନ୍ ମୁଣା ବ୍ୟବହାର ନକରିବା ପାଇଁ ଶପଥ ନେବା ଏବଂ ସର୍ବଦା ପୁନଃ ବ୍ୟବହାର ଯୋଗ୍ୟ ମୁଣା ବ୍ୟବହାର କରିବା । ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ସାରା ବିଶ୍ୱରେ ବାର୍ଷିକ ପ୍ରାୟ ପଚାଶ ହଜାର କୋଟି ପଲିଥିନ ମୁଣା ଫୋପଡ଼ା ଯାଉଛି । ଏହାର ଅର୍ଦ୍ଧେକ କୌଣସି ନା କୌଣସି




ବାଟରେ ସମୁଦ୍ରକୁ ଯାଉଛି । ଏହାର ଏକ କୁ ପରିଣାମ ସ୍ୱରୂପ ବାର୍ଷିକ ଦଶ ଲକ୍ଷ ସାମୁଦ୍ରିକ ପକ୍ଷୀ ଏବଂ ଏକ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କ ଅକାଳ ମୃତ୍ୟୁ ଘଟୁଛି । ମଣିଷ ମଧ୍ୟ ଏହା କବଳରୁ ମୁକ୍ତ ନୁହେଁ । ତେୟାନବେ ପ୍ରତିଶତ ଆମେରିକାନ୍ଙ୍କ ଶରୀରରେ ବିସ୍‌ଫିନୋଲ ଏ (ପ୍ଲାଷ୍ଟିକ୍ ତିଆରିରେବ୍ୟବହୃତ ରାସାୟନିକ) ଠାବ କରା ଯାଇଥିବା ଏହାର ପ୍ରମାଣ । ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହୋଇସାରିବା ପରେ ଏଣେ ତେଣେ ଫିଙ୍ଗା ଯାଇଥାଏ । ଯାହା ମାଟିରେ ମିଶିପାରିନଥାଏ । ଫଳରେ ଏହା ପର୍ଯ୍ୟାବରଣ ନଷ୍ଟ କରିବା ସହ ବର୍ଷା ଜଳକୁ ମଧ୍ୟ ଭୂଗର୍ଭ ମଧ୍ୟକୁ ଭେଦିବାକୁ ଦେଇନଥାଏ । ବାହାରେ ପଡ଼ିଥିବା ଖାଦ୍ୟଦ୍ରବ୍ୟକୁ ଖାଇବା ବେଳେ ଗୋରୁଗାଈ ମଧ୍ୟ ବେଳେ ବେଳେ ଜରି ଖାଇଥାନ୍ତି, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥାଏ । ଏକ ଗବେଷଣାରୁ ଜଣାଯାଇଛି ଯେ, ମାତ୍ର କିଛି ସମୟ ପାଇଁ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବ୍ୟାଗକୁ ମାଟିରେ ମିଶିବା ପାଇଁ ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ । ତେଣୁ ପ୍ଲାଷ୍ଟିକ ବ୍ୟାଗ ବଦଳରେ କାଗଜ ବ୍ୟାଗ ବ୍ୟବହାର କରିବାକୁ ବୈଜ୍ଞାନିକ ମାନେ ମତ ଦେଇଥାନ୍ତି । ଏଭଳି କରିବା ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷିତ ରହିବା ସହ ଭୂତଳ ଜଳର ମାତ୍ରା ମଧ୍ୟ ବୃଦ୍ଧି ପାଇପାରିବ । ପ୍ଲାଷ୍ଟିକ ବ୍ୟାଗମୁକ୍ତ ପାଳନ ଅବସରରେ ଗୋଟିଏ ଦିନ ପାଇଁ ହେଉପଛେ, କାଗଜ ଥଳି ବ୍ୟବହାର କରିବା ପାଇଁ ଲୋକଙ୍କୁ ପ୍ରବର୍ତାଯାଇ ଥାଏ । ଏହାଦ୍ୱାରା ହରମୋନ ଭାରସାମ୍ୟ ନଷ୍ଟ ହେଉଛି ।

## ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ବଢୁଛି

ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ନିଷ୍ପତି କେବଳ କାଗଜ କଲମରେ ରହିଛି ବୋଲି ପୁଣି ଆଲୋଚନା ହେଲାଣି । ବହୁ ବର୍ଷ ପୂର୍ବେ ଦେଶର ବିଭିନ୍ନ ରାଜ୍ୟରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା । ବେଶ କିଛି ଦିନ ପଲିଥିନ୍ ବ୍ୟବହାର ଏକ ପ୍ରକାର କମି ଯାଇଥିଲା । କିନ୍ତୁ ଓଡ଼ିଶାରେ ଏହାର ସେଭଳି କିଛି ପ୍ରଭାବ ପଡ଼ି ନାହିଁ । ଏବେ ସାରା ରାଜ୍ୟରେ କୋଣ ଅନୁକୋଣରେ ପଲିଥିନ୍ ଏକ ପ୍ରକାର ଛାଇ ହୋଇ ଗଲାଣି । ସହର ଏବଂ ଗ୍ରାମାଂଚଳରେ ଯେଉଁଠି ହେଉ ସେଇଠି ରାସ୍ତାଘାଟରେ ପଲିଥିନ୍ ଜରି ଓ ବ୍ୟାଗ ମଇଳା ଅବସ୍ଥାରେ ଦୃଶ୍ୟମାନ ହେଉଛି । ପଲିଥିନ୍ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ବିଶେଷଜ୍ଞମାନେ ମତ ଦେବା ପରେ ସରକାର ଏ ନେଇ ସ୍ୱତନ୍ତ୍ର ଆଇନ ମଧ୍ୟ ଘୋଷଣା କରିଥିଲେ ଏବଂ ଜିଲ୍ଲାପ୍ରଶାସକ ମାନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । କାହିଁକି ଏହା ବନ୍ଦ ହେଉ ନାହିଁ ସେ ନେଇ ସାଧାରଣରେ ମଧ୍ୟ ଆଲୋଚନା ଆରମ୍ଭ ହେବା ସ୍ୱାଭାବିକ । ହୋଟେଲ ଜଳଖିଆ ଦୋକାନ ସମେତ ସମସ୍ତ ଖାଦ୍ୟ ସାମଗ୍ରୀ ଏବଂ ପରିବା ବଜାର ମାନଙ୍କରେ ମଧ୍ୟ ଖୋଲାଖୋଲି ଭାବେ ପଲିଥିନ ବ୍ୟବହାର କରୁଛନ୍ତି । ବିଶେଷ କରି ଜଳଖିଆ ଏବଂ ମିଠା ଦୋକାନରେ ଗଦା ଗଦା ପଲିଥିନ୍ ଥିବା ଦେଖିବାକୁ ମିଳୁଛି । କେବଳ ସେତିକି ନୁହେଁ ଚା ଦୋକାନରେ ମଧ୍ୟ ପଲିଥିନ ବ୍ୟବହାର କରୁଛନ୍ତି । ଏ ସଂପର୍କରେ ପୂର୍ବରୁ ବହୁବାର ବିଧାନସଭାରେ ଏହା ଆଲୋଚନା ମଧ୍ୟ ହୋଇଛି । ଏହା ସତ୍ତ୍ୱେ କାହିଁକି ଏହା ବନ୍ଦ ହେଉ ନାହିଁ ସେ ନେଇ ବିଶେଷଜ୍ଞ ମାନେ ନାନା ମତ ପ୍ରକାଶ କରିଛନ୍ତି । ସେମାନଙ୍କର କହିବା କଥା ହେଉଛି ପଲିଥିନ୍ ବ୍ୟବହାର ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ଏହି ଦୃଷ୍ଟିରୁ ପଲିଥିନ୍ ପରିବର୍ତେ କପଡ଼ା ବ୍ୟାଗ, କାଗଜ ଠୁଂଗା ବ୍ୟବହାର କରାଯିବା ଉଚିତ । ଅବଶ୍ୟ କେତେକ ବ୍ୟବସାୟ ବେଶ କିଛି ଦିନ ଏହାକୁ ମାନି ଚଳିଲେ । କିନ୍ତୁ ଏବେ ପଲିଥିନ୍ ବ୍ୟବହାର ମାତ୍ରାଧିକ ବଢ଼ିଛି । ଅପରପକ୍ଷରେ ପୁରୁଣା ପ୍ଲାଷ୍ଟିକକୁ ମଧ୍ୟ ଲୋକେ ବ୍ୟବହାର କରୁଚନ୍ତି । ପଲିଥିନ୍ ଏବଂ ପ୍ଲାଷ୍ଟିକ ବ୍ୟବହାରକୁ ତୁରନ୍ତ ବନ୍ଦ କରିବା ପାଇଁ ଅତୀତର ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଗଲେ ବ୍ୟବସାୟୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବ ଏବଂ ଯେଉଁ ବ୍ୟସାୟୀ ଓ ଗ୍ରାହକ ମାନେ ପଲିଥିନରେ ଜିନିଷପତ୍ର ନେଇ ଯାଉଥିବେ ସେମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ନିଶ୍ଚିତ ଭାବେ ସମାଜରେ ଏହାର ପ୍ରଭାବ ପଡ଼ିବ । କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟ ହିଁ କହିବ । କେବଳ ଦୋକାନ ବ୍ୟବସାୟ ପ୍ରତିଷ୍ଠାନ ନୁହେଁ ସମୁଦ୍ରବେଳାଭୂମି, ପୋଖରୀରେ ଗଦାଗଦା ପଲିଥିନ ଓ ପ୍ଲାଷ୍ଟିକ୍ ଭାସୁଥିବାର ମଧ୍ୟ ଅଭିଯୋଗ ହୋଇଛି । ତୁରନ୍ତ ଏହା କିଭଳି ରୋକାଯାଇ ପାରିବ ସେ ଦିଗରେ ସଂପୃକ୍ତ ବିଭାଗ ଅଧିକ କଠୋର ହେବା ଜରୁରୀ ।

+++





# ଉରୁବାଲୀ ବିଦ୍ୟାଳୟରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ



ମାଲକାନଗିରି : ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ପଶୁଗୁଡା ପଂଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଉରୁବାଲୀ ଠାରେ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୭୨ତମ ବନ ମହୋତ୍ସବ ଅବସରରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଶୁଗୁଡା ସରପଂଚ ଶ୍ରୀ ରାମ ରାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଅତିଥିମାନେ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରି ପରିବେଶ ସୁରକ୍ଷା ଓ ଜଳବାୟୁ ସନ୍ତୁଳନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସୁଦୀପ ମଣ୍ଡଳ, କାର୍ତ୍ତିକ ମଣ୍ଡଳ, ଜ୍ଞାନରଞ୍ଜନ ମଲ୍ଲିକ, ଅନୁରାଧା ବେହେରା, ସୁମନ ସାହୁ, ରମେଶ କୁମାର ମାଡକାମୀ, ବିନୋଦ ମଜୁମଦାର, ମୁଥୁଲା ଭେଙ୍କଟ ରାବଣ, ମୋନାଲିଶା ମଣ୍ଡଳ, ଆଶିଷ ରଞ୍ଜନ ଦାସ, ରବୀନ୍ଦ୍ର ଶବର, ସୁଭଦ୍ରା ସ୍ୱାଇଁ, ମିନତୀ ନାୟକ, ଲିନା ସୁନାମ, ଭାରତୀ ମହାରଣା ଓ ରାଜେଶ ସଲବମ ଉପସ୍ଥିତ ଥିଲେ । ସେହିପରି ମୋଟୁ ବନ ବିଭାଗ ପକ୍ଷରୁ ଫୋରେଷ୍ଟର ଶ୍ରୀ ସରୋଜ ଘଡ଼ାଇ, ଫୋରେଷ୍ଟ ଗାର୍ଡ ଯଗା ମାଡି ଓ ବାସୁଦେବ ବାସକିଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ଅଂଶଗ୍ରହଣ କରି ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ ।

# କୋଟିଆ ବିକାଶ ସମୀକ୍ଷା ବୈଠକ ଅନୁଷ୍ଠିତ

କୋରାପୁଟ : (ହି.ସ.) - କୋରାପୁଟ ଜିଲ୍ଲା କୋଟିଆ ଅଂଚଳର ସର୍ବାଙ୍ଗୀନ ବିକାଶ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ବିକଶିତ କୋଟିଆ ଆକ୍ସନ ପ୍ଲାନ୍’ର ସଫଳ କାର୍ଯ୍ୟକାରୀତା । କୋଟିଆ ଅଂଚଳରେ ସ୍ୱାସ୍ଥ୍ୟ, ଭିତିଭୂମି, ରାସ୍ତାଘାଟ, ଶିକ୍ଷା ଓ ଜୀବିକା ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ରଣନୀତିକ ଆର୍ଥିକ-ସାମାଜିକ ହସ୍ତକ୍ଷେପ ମାଧ୍ୟମରେ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସୀମାନ୍ତ ଅଂଚଳର ବିକାଶକୁ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ସମସ୍ତ ବିଭାଗକୁ ସମନ୍ୱୟ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, କୋଟିଆର ଜନସାଧାରଣଙ୍କ ପାଖରେ ସମସ୍ତ ସରକାରୀ ଯୋଜନାର ଲାଭ ପହଂଚାଇବା ପ୍ରଶାସନର ପ୍ରାଥମିକତା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ବିଡିଓ ରାମକୃଷ୍ଣ ନାୟକ ଏବଂ କୋଟିଆ ପାଇଁ ସ୍ୱତନ୍ତ୍ର ଦାୟିତ୍ୱପ୍ରାପ୍ତ ଅଧିକାରୀ ସୌରଭ କାନ୍ତ ଦାଶଙ୍କ ସମେତ ସମସ୍ତ ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଲାୟନ୍ସ କ୍ଲବ ଝାରସୁଗୁଡ଼ା ତରଫରୁ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଝାରସୁଗୁଡା : ଝାରସୁଗୁଡ଼ା ଲାୟନ୍ସ କ୍ଲବ ତରଫରୁ ପୁର୍ବ ଭାରତ ଆଂଚଳିକ ପରିଷଦ ସି.ଏ ସହୟତାରେ ସ୍ଥାନୀୟ ମେଘଦୁତ ହୋଟେଲ ପରିସରରେ ଏକ ମହାରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଲାୟନ୍ସ କ୍ଲବ ସଭାପତି ଅଭିଷେକ କୁମାର ଲାଠ,ସଚିବ ସଶାଙ୍କ ଗୁପ୍ତା ଓ ପୁର୍ବ ଭାରତ ଆଂଚଳିକ ପରିଷଦ ସି.ଏ ର ଅଧ୍ୟକ୍ଷ କୁଶାଲ ସିତାନୀ,ଉପାଧ୍ୟକ୍ଷ ରବି କେଡିଆ ଆଦିଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଝାରସୁଗୁଡ଼ାର ଏସ୍.ପି. ଶ୍ରୀ ଗୁଣ୍ଡାଲା ରେଡ୍ଡୀ ରଘବେନ୍ଦ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିବା ସହ ଲାୟନ୍ସ କ୍ଲବ ଓ ସି.ଏ ଦ୍ୱାରା ଆୟୋଜିତ ଏହି ସମାଜ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଆଜିର ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ୫୮ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରକୁ ସଫଳ କରିବାରେ କୋଷାଧକ୍ଷ କୁଲଦିପ ଗୋୟାଲ, କ୍ଲବର ସଂଯୋଜକ ଏଚ.ସି. ଗୁପ୍ତା ଓ ପୁର୍ବ ଭାରତ ଆଂଚଳିକ ପରିଷଦର ,ସଚିବ ପ୍ରିୟାଙ୍କା ପଟୱାରୀ ସିତାନୀ, କୋଷାଧକ୍ଷ ଶୁଭେନ୍ଦୁ ତ୍ରିପାଠି,ଡ଼ାକ୍ତର ବବିତା ରାମାନି ଓ ଏ- ସ୍କ୍ୱାୟର ହସ୍ପିଟାଲର କର୍ମଚାରୀ ସମେତ କ୍ଲବର ଅନ୍ୟାନ୍ୟ ସଦସ୍ୟଙ୍କ ବିଶେଷ ଯୋଗଦାନ ରହିଥିଲା ବ୍ଲଡ ବ୍ୟାଙ୍କ ର ଡଃ ଯୋଜୋ ଙ୍କ ସହିତ କର୍ମଚାରୀ ମାନେ ରକ୍ତ ଦାନ ଦେବାରେ ବ୍ୟବସ୍ଥା କରି ଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାରିପଦା : ଚଳିତ ବର୍ଷ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା-୨୦୨୬କୁ ଶାନ୍ତି, ଶୃଙ୍ଖଳା, ସୁରକ୍ଷା ଏବଂ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ବାରିପଦା ଦେବତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମାନ୍ୟବର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ଶ୍ରୀ ଭାସ୍କର ମଢେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ବାରିପଦା ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ସମସ୍ତ ବିଭାଗ, ଦେବତର ବିଭାଗ ଓ ସେବାୟତମାନଙ୍କ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ମାନ୍ୟବର ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ରାଜ୍ୟର ଏକ ପ୍ରମୁଖ ଆଧାତ୍ମିକ ଓ ସାଂସ୍କୃତିକ ପରମ୍ପରା । ଏହି ପବିତ୍ର ଉତ୍ସବକୁ ମହାପ୍ରଭୁଙ୍କ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ, ସେବାୟତ ଓ ଜନସାଧାରଣଙ୍କ ସମନ୍ୱିତ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ କହିଥିଲେ ଯେ, ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ପ୍ରତ୍ୟେକ ବିଭାଗକୁ ସମୟବଦ୍ଧ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ରଥଯାତ୍ରାର କାର୍ଯ୍ୟନିର୍ଘଂଟ ଓ ପ୍ରସ୍ତୁତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା । ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ପରିଚାଳନା, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତି ଗ୍ରହଣ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା, ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ ଅଗ୍ନିକାଣ୍ଡ ଏବଂ ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସହର ଏବଂ ବଡଦାଣ୍ଡ ଅଂଚଳରେ ସ୍ୱଚ୍ଛତା, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା, ବଡଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରିବା, ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବା ସହ ନିୟମିତ ଚଢ଼ାଉ କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବତର ବିଭାଗର କର୍ମକର୍ତ୍ତା, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଏବଂ ସହରର ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇ ରଥଯାତ୍ରାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

# ‘ନିଶା ମୁକ୍ତ ଅଭିଯାନ’ ସଚେତନତା କାର୍ଯ୍ୟକ୍ରମ

ଜୟପୁର : (ହି.ସ.) ଜୟପୁରରେ ଯୁବପିଢ଼ିଙ୍କୁ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଜୟପୁର ଟାଉନ ପୋଲିସ ପକ୍ଷରୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ‘ନିଶା ମୁକ୍ତ ଅଭିଯାନ’ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜୟପୁର ଉପଖଣ୍ଡ ପୋଲିସ ଅଧିକାରୀ (ଏସ୍ଡିପିଓ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶା ସେବନର ସାମାଜିକ, ଶାରୀରିକ ଓ ମାନସିକ କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ଜୟପୁର ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ (ଆଇଆଇସି) ଉପସ୍ଥିତ ରହି ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହୋଦୟ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀମାନଙ୍କୁ ସମାଜରେ ନିଶାମୁକ୍ତ ପରିବେଶ ଗଠନ ପାଇଁ ସଚେତନତାର ବାର୍ତ୍ତା ପ୍ରଚାର କରିବାକୁ ଆହ୍ୱାନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବିକ୍ରମ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଏନ୍ସିସି କ୍ୟାଡେଟ୍ମାନେ ଏବଂ ଶିକ୍ଷକମାନେ ଯୋଗଦେଇଥିଲେ । ବକ୍ତାମାନେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ରହି ସମାଜ ଓ ଦେଶ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ । ଶେଷରେ ସମସ୍ତ ଉପସ୍ଥିତ ଛାତ୍ରଛାତ୍ରୀ ଓ ଏନ୍ସିସି କ୍ୟାଡେଟ୍ମାନେ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟ କର୍ମ କୁ ବିକ୍ରମ ଦେବ ଉଚ୍ଚ ବିଦ୍ୟାଳୟର ଅଧକ୍ଷ କ୍ୟାପଟେନ ଡକ୍ଟର ଲକ୍ଷ୍ମଣ ପାତ୍ର ସହଯୋଗ କରି ଥିଲେ । କାର୍ଯ୍ୟକ୍ରମଟି ସଫଳ ଓ ଫଳପ୍ରଦ ଭାବେ ସମାପ୍ତ ହୋଇଥିଲା ।

# ନାଗରିକ କମିଟର କାର୍ଯ୍ୟକାରିଣୀ ବୈଠକ

ଜୟପୁର : (ହି.ସ.) - ଜୟପୁର ସଚେତନ ନାଗରିକ କମିଟିର କାର୍ଯ୍ୟକାରିଣି ବୈଠକ ଲାଲ ସାହି ସ୍ଥିତ ଲୋକେଶ୍ୱରି କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶକ୍ତି ପ୍ରସାଦ ଷଡଙ୍ଗୀ, ମୁଖ୍ୟ ଉପଦେଷ୍ଟା ଭଜନ ସିଂ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାହୁଙ୍କ ସମେତ ସଭ୍ୟ ମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ସାହିତ୍ୟ ସମ୍ରାଟ ମହାରାଜା ବିକ୍ରମ ଦେବ ବର୍ମାଙ୍କ ଗୁଣ ଗାନ କରାଯାଇଥିଲା । ଜୟପୁର ସହରର ରଥ ଯାତ୍ରା ଉପଲକ୍ଷେ ସମ୍ପୁର୍ଣ୍ଣ ଭାବେ ନୂତନ ରଥ ନିର୍ମାଣ କରାଯାଉଥିବାରୁ ପ୍ରଶାସନ, ଦେବୋତର କମିଟି ତଥା କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶଂସା କରାଯାଇଥିଲା । ଏହା ସହ ଜୟପୁର ସହରର ପାଦ ଚଲା ରାସ୍ତାର ଅଭାବ , ଜାତୀୟ ରଜପଥ ୨୬ରେ ତିଆରି ଚାଲିଥିବା ବାଇପାସ ରାସ୍ତା ତୁରନ୍ତ ଶେଷ କରାଇବା, ମନ୍ଦିର ଗୁଡିକର ସୁପରି ଚାଳନା, ମନ୍ଦିର ଜମିର ସୁରକ୍ଷା ଦେବୋତର ଅଧିକାରିଙ୍କୁ ଜଣାଇବା ପାଇଁ ନିଷ୍ପତି ହୋଇଛି । ଉପସ୍ଥିତ ସମସ୍ତ ସଭ୍ୟ ପ୍ରତିବର୍ଷ ଭଳି ଚଳିତ ରଥ ଯାତ୍ରା ସୁରୁଖୁରୁରେ ଶେଷ ହେବା ପାଇ ଆଶା ପ୍ରକଟ କରିଥିଲେ । ବୈଠକରେ ଅନି ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁଦାମଚରଣ ମହାବିଦ୍ୟାଳୟ ଚନ୍ଦନଭାଟି ବଲାଙ୍ଗୀର ଠାରେ ଆଇନ ସଚେତନତା ଶିବିର

ବଲାଙ୍ଗୀର : (ହି.ସ.) – ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ହିରନମୟ ବିଶୋଇଙ୍କ ଅନୁମତି କ୍ରମେ ତା.୩୦.୦୬.୨୦୨୬ରେ ସୁଦାମ ଚରଣ ମହାବିଦ୍ୟାଳୟ, ଚନ୍ଦନଭାଟି, ବଲାଙ୍ଗୀର ଠାରେ ପୀଡ଼ିତ କ୍ଷତିପୂରଣ ଯୋଜନା ଏବଂ ଆଶା ଯୋଜନା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଆଇନ ସଚେତନତା ଶିବିରରେ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ୧୮ବର୍ଷରୁ କମ୍ ବୟସର ସମସ୍ତ ଶିଶୁଙ୍କୁ ଯୌନ ନିର୍ଯାତନା ଏବଂ ଅଶ୍ଳୀଳ ଶୋଷଣରୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନ ଯଥା କିଶୋର ନ୍ୟାୟିକ ନିୟମାବଳୀ ଉପରେ ଆଲୋକପାତ କରିଥିଲେ । ତତ୍ସହିତ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ନାଗରିକମାନଙ୍କର କର୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସଭ୍ୟ ଅରୁଣ ଖୁଆସ ଯୋଗଦେଇ ଶିଶୁଙ୍କ ଉଦ୍ଦେଶ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଜନ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଶିବିରକୁ ପରିଚାଳନା କରୁଥିଲେ ଉକ୍ତ କଲେଜର ଅଧକ୍ଷ ଅଶୋକ କୁମାର ପଣ୍ଡା ଏବଂ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପିକା ଶ୍ରୀମତି ଫୁଲମଣି ବୁଦ । ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧାପକ ଓ ଅଧାପିକା ଯୋଗଦାନ କରିଥିଲେ ।

# ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୦୨୬ ଉଦ୍‌ଯାପିତ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଜିଲ୍ଲାରେ ଶିଳ୍ପ ସମୃଦ୍ଧି ଓ ସ୍ଥାନୀୟ ମହିଳା ତଥା ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କୋଶଳ କଳା ମଣ୍ଡପ ପଡ଼ିଆ ଠାରେ ୨୭ ଜୁନ୍ ଠାରୁ ୧ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିବା ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୦୨୬ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ର ବଲାଙ୍ଗୀର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ ବଲାଙ୍ଗୀର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇଶାଲଓ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ବଲାଙ୍ଗୀର ନୀରଜ ରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ସହକାରୀ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଦୀପକ କୁମାର ସାମଲ, ଓ.ଏ.ଏସ୍.ଏମ୍.ଇ. ସଭାପତି ପ୍ରକାଶ ଚନ୍ଦ୍ର ନେପାକ, ଉପ ସଭାପତି(ପଶ୍ଚିମାଂଚଳ) ସିଦ୍ଧେଶ୍ୱର ମିଶ୍ର ମଂଚାସୀନ ଥିଲେ । ଉଦଯାପନୀ କାର୍ଯ୍ୟକ୍ରମ ସହିତ ବୈଷୟିକ ଶିକ୍ଷାନୁଷ୍ଠାନରେ ଶିଳ୍ପାୟନ ଆଧାରିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ତଥା ଜିଲ୍ଲାର ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ବଲାଙ୍ଗୀର ଜିଲ୍ଲାରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ କରିବା, ନୂତନ ଓ ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକତ୍ରିତ କରି ପ୍ରୋତ୍ସାହିତ କରିବା । ବିଶେଷତଃ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମାଂଚଳର କାରିଗର, ଉଦ୍ୟମୀମାନଙ୍କୁ ବ୍ୟବସାୟିକ ସୁଯୋଗ ଯୋଗାଇବାରେ ଏହି ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । କୋଶଳ କଳା ମଣ୍ଡପ ପଡ଼ିଆରେ ସ୍ଥାପିତ ଷ୍ଟଲ୍‌ଗୁଡ଼ିକରେ ସ୍ଥାନୀୟ ହସ୍ତତନ୍ତ, ହସ୍ତଶିଳ୍ପ, କୃଷିଜାତ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଉତ୍ପାଦ ଓ ଅନ୍ୟାନ୍ୟ ଉତ୍ପାଦ ପ୍ରଦର୍ଶନୀ ସହ ବିକ୍ରୟ ବ୍ୟବସ୍ଥା ରହିଥିଲା । ୫ ଦିନ ଧରି ବିଭିନ୍ନ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା । ଯେଉଁଥିରେ ଶିଳ୍ପ ବିଶେଷଜ୍ଞମାନେ ବ୍ୟାଙ୍କ ଋଣ, ଶିଳ୍ପାଂଚଳରେ ଜମି, ନୂତନ ପ୍ରଯୁକ୍ତି, ବଜାର ସଂଯୋଗ ଓ ବ୍ରାଣ୍ଡିଂ ବିଷୟରେ ଉଦ୍ୟୋଗୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଋଣ ଯୋଜନା, ସବ୍‌ସିଡି ଏବଂ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିଗଣ ପ୍ରକାଶ କରିଛନ୍ତି ଯେ, ବଲାଙ୍ଗୀର ଭଳି ଏକ ଆକାଂକ୍ଷୀ ଜିଲ୍ଲାରେ ଏଭଳି ଆୟୋଜନ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସ୍ଥାନୀୟ କାରିଗରଙ୍କ ଉତ୍ପାଦକୁ ବିଶ୍ୱ ବଜାରରେ ପହଂଚାଇବା ପାଇଁ ଏହା ଏକ ପ୍ରଶଂସନୀୟ ପ୍ରୟାସ । ସହକାରୀ ଶିଳ୍ପ ଅଧିକାରୀ ଖିରାବତୀ ଡୁଡୁଙ୍ଗ ଆଜିର କାର୍ଯ୍ୟକ୍ରମର ସଂଚାଳନା କରିଥିଲେ ଓ ଜିଲ୍ଲା ଶିଳ୍ପକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଜାତୀୟ ବିଦ୍ୟୁତ ସୁରାକ୍ଷା ସପ୍ତାହ ଉପଲକ୍ଷେ ପ୍ରତିଯୋଗିତା

ମାଲକାନଗିରି : (ହି.ସ.) ମାଲକାନଗିରି ମହାବିଦ୍ୟାଳୟର ସଭା ଗୃହରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୬ ଅବସରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟା ଡକ୍ଟର ଚିତରଞ୍ଜନ ବାରିକ ଅଧ୍ୟାତା କରିଥିବା ବେଳେ, ନିରାକାର ରାଉତ, ଅଧୀକ୍ଷଣ ଯନ୍ତ୍ରୀ ତଥା ଉପ ବିଦ୍ୟୁତ ନିରୀକ୍ଷକ କୋରାପୁଟ ଏବଂ ମାଲକାନଗିରିଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଅତିଥି ଭାବରେ ଅମ୍ରିତ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସହକାରୀ ବିଦ୍ୟୁତ ନିରୀକ, କୋରାପୁଟ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବରେ ସ୍ମୃତି ରଞ୍ଜନ ସାମନ୍ତ, ଇଲେକଟ୍ରିସିଆନ ଗ୍ରେଡ଼-୨ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦ୍ୟୁତ ସୁରାା ଉପରେ ବିଶେଷଜ୍ଞମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ । ବକ୍ତୃତା ପ୍ରତିଯୋଗିତାର ବିଷୟ ଥିଲା ‘ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା‘ । ଏହି ପ୍ରତିଯୋଗିତାରେ ମିନି ସାରଙ୍ଗିଆ, ଚନ୍ଦ୍ରମା ଖରା ଓ ମନୋରମା ପଡାଲ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କର ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସେଂଟର ଫର ଏନଭର୍ଣ୍ଣମେଂଟାଲ ଷ୍ଟଡିଜ (ସି.ଇ.ଏସ) ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ସବୁଜ ବାହିନୀ ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ଏକ ର୍‌ାଲି ଅନୁଷ୍ଠିତ ହୋଇଥିଲା ଏବଂ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁରିବାହାଲ ପୋଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଆଜି ନିଶାସେବନ ଯୁବ ସମାଜକୁ କବଳିତ କରିଛି । ନିଶାଖୋରମାନେ ସମାଜରେ ନାନାଦି ବିଶୃଙ୍ଖଳା ସୃଷ୍ଟି କରିବା ସହ ଏଥିରେ ଅନେକ ଧନଜୀବନ ନଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ମୁରିବାହାଲକୁ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ମୁରିବାହାଲ ପୋଲିସର ଉଦ୍ୟମରେ ମୁରିବାହାଲର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ନେଇ ନିଶା ମୁକ୍ତ ଓଡ଼ିଶା ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁରିବାହାଲ ଥାନା ପରିସରରେ ଅନୁଷ୍ଠିତ ଏହି ସଚେତନତା ବୈଠକରେ ନିଶାସେବନ ଯୋଗୁଁ ବିପଥଗାମୀ ହେଉଥିବା ସମାଜକୁ କିପରି ଏହାଠାରୁ ଦୂରେଇ ରଖାଯାଇ ପାରିବ, ସେ ବିଷୟରେ ଆଲୋଚନା ହୋଇ ଥିଲା । ନିଶା ସେବନକୁ ବନ୍ଦ କରିବା ସହ ମୁରିବାହାଲକୁ ନିଶାମୁକ୍ତ ବ୍ଲକ ଭାବରେ ଗଢ଼ି ତୋଳିବା ନେଇ ସମସ୍ତେ ଏକ ଶପଥ ପାଠ କରିଥିଲେ । ସମାଜରେ ଘଟୁଥିବା ଅଧିକାଂଶ ଅସାମାଜିକ କାର୍ଯ୍ୟକଳାପ ପଛରେ ଏହି ନିଶା କାରବାରକୁ ହିଁ ଦାୟୀ କରାଯାଇ ପାରିବ । ମୁରିବାହାଲ ଥାନା ଇନିସ୍ପେକ୍ଟର ବୁଲୁ ମୁଣ୍ଡା, ଏସ୍ଆଇ ଶୁଶିଲ ମହାପାତ୍ର, ଏସ୍ଆଇ ପ୍ରମୋଦ ପଧାନ ଏବଂ ଏସ୍ଆଇ ପଙ୍କଜିନୀ ବାଗ ପ୍ରମୁଖ ସମାଜ ଉପରେ ନିଶା ସେବନର ନିଶା ନିବାରଣ ଉପରେ ସଚେତନ କରିବା ପାଇଁ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ସହଯୋଗ ଲୋଡ଼ିଲା ମୁରିବାହାଲ ପୋଲିସ କୁପ୍ରଭାବ ସମ୍ପକରେ ବୁଝାଇବା ସହ ଏହାକୁ ରୋକିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ମୁରିବାହାଲ ଗ୍ରାମ ପଂଚାୟତ ସରପଂଚ ବିଶ୍ୱବିହାରୀ ଯୋଶୀ, ଆଦିବାସୀ ନେତା ରାଜିବ କୁଅଁର,ବିଜେପି ନେତା ରାଜିବ କୁମାର ମହାନ୍ତି, ପ୍ରମୁଖ ଯୋଗଦେଇ ପୋଲିସର ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ପ୍ରଶଂସା କରିବା ସହ ମୁରିବାହାଲକୁ ଏକ ନିଶାମୁକ୍ତ ବ୍ଲକ ଭାବରେ ଗଢ଼ିବା ପାଇଁ ଅନୁରୋଧ କରିଥିଲେ ।



# ହର୍ମୁଜ୍ ଝଡ଼ର ମୁକାବିଲା : ଶକ୍ତି ସଙ୍କଟରେ ଭାରତର ସଫଳ ରଣନୀତି

ଫେବୃଆରୀ ଶେଷ ଆଡ଼କୁ ଯେତେବେଳେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଗଲା, ସେତେବେଳେ ଭାରତ ସରକାର ଏକମାତ୍ର ମୁଖ୍ୟ ପ୍ରାଥମିକତା ଚୟନ କରିଥିଲେ ଯାହାକୁ ଆଧାର କରି ଅନ୍ୟ ସମସ୍ତ ନିଷ୍ପତି ନିଆଯାଇଥିଲା- ଆମ ଦେଶର ନାଗରିକ, ବିଶେଷ କରି ସବୁଠାରୁ ଅସହାୟ ବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଏହି ଅଭୂତପୂର୍ବ ଯୋଗାଣ ବାଧା ଏବଂ ମୂଲ୍ୟ ବୃଦ୍ଧିର ପ୍ରଭାବରୁ ସୁରକ୍ଷିତ ରଖିବାକୁ ହେବ । ଏହି ନିଷ୍ପତି ଏବଂ ଦୂରଦୃଷ୍ଟି ସ୍ୱୟଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଥିଲା, ଏବଂ ଆଧୁନିକ ଇତିହାସର ସବୁଠାରୁ ବଡ଼ ଶକ୍ତି (ଉର୍ଜା) ସଙ୍କଟର ପ୍ରାୟ ଚାରି ମାସ ବିତିଯାଇଥିଲେ ମଧ୍ୟ ଏହି ପ୍ରତିବଦ୍ଧତା ଅଦ୍ୟାବଧି ଅତୁଟ ରହିଛି । ପ୍ରକୃତ ତଥ୍ୟ ସାମ୍ନାକୁ ଆସିବା ପୂର୍ବରୁ ହିଁ ଭାରତ ବିରୋଧରେ ନିଷ୍ପତି ଶୁଣାଇ ଦିଆଯାଇ ଥିଲା: ଯୁକ୍ତି ଦର୍ଶାଯାଇଥିଲା ଯେ, ଯେଉଁ ଦେଶ ନିଜର ୮୫% ରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରିଥାଏ, ସେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ କଦାପି ତିଷ୍ଠି ରହିପାରିବ ନାହିଁ, ଯେଉଁଠାରୁ ବିଶ୍ୱର ୨୦ ରୁ ୩୦% ରୁ ଅଧିକ ହାଇଡ୍ରୋକାର୍ବନ୍ (ତୈଳ ଓ ଗ୍ୟାସ୍) ପରିବହନ ହୋଇଥାଏ । କୁହାଯାଇଥିଲା ଯେ କିଛି ଦିନ ମଧ୍ୟରେ ପେଟ୍ରୋଲ ପମ୍ପଗୁଡ଼ିକ ଶୁଖିଯିବ, ମୂଲ୍ୟ ଅନିୟନ୍ତ୍ରିତ ଭାବେ ବଢ଼ିଯିବ ଏବଂ ଅର୍ଥବ୍ୟବସ୍ଥା ଭାଙ୍ଗିପଡ଼ିବ । କିନ୍ତୁ ଆଜି ତୈଳ ମହଜୁଦ ଭଣ୍ଡାର ସମ୍ପୂର୍ଣ୍ଣ ରହିଛି, ପମ୍ପଗୁଡ଼ିକ ଖୋଲା ଅଛି ଏବଂ ଏହି ସଙ୍କଟ ସମୟରେ ବିଶ୍ୱର ଯେକୌଣସି ଗ୍ରାହକଙ୍କ ତୁଳନାରେ ଭାରତୀୟ ଗ୍ରାହକ ଇନ୍ଧନ ପାଇଁ ସବୁଠାରୁ କମ୍ ମୂଲ୍ୟ ଦେଇଛନ୍ତି । ଏହି କାର୍ଯ୍ୟ କିଭଳି ସମ୍ଭବ ହେଲା ଏବଂ ଏହି ଯାତ୍ରାରେ କେଉଁ ସବୁ ମିଥ୍ୟା ପ୍ରଚାରର ସାମ୍ନା କରିବାକୁ ପଡ଼ିଥିଲା, ତାହା ସ୍ପଷ୍ଟ ଭାବେ ଉପସ୍ଥାପନ କରିବା ନିହାତି ଜରୁରୀ । ଚଳିତବର୍ଷ ଫେବୃଆରୀ ୨୮ ତାରିଖ ଦିନ ଇରାନ ଉପରେ ହୋଇଥିବା ଆକ୍ରମଣ ବିଶ୍ୱ ଶକ୍ତି ମାନଚିତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପରିବହନ ପଥକୁ ବନ୍ଦ କରିଦେଇଥିଲା ଏବଂ ଭାରତ ପାଇଁ ଏଲ.ପି.ଜି. ଯୋଗାଡ଼ କରିବା ନିମେନ୍ତ ଏହା ଭାରତ ପାଇଁ ସବୁଠାରୁ ତୀବ୍ର ପରୀକ୍ଷା ଉପସ୍ଥାପନ କରିଥିଲା । କାରଣ ଆମେରିକା ଏବଂ ମଧ୍ୟପ୍ରାଚ୍ୟ ବିଶ୍ୱର କେବଳ ଦୁଇଟି ପ୍ରମୁଖ ଏଲ.ପି.ଜି ରପ୍ତାନିକାରୀ ଭାବରେ ସୁପରିଚିତ । ଭାରତର ଏଲ.ପି.ଜି. ବ୍ୟବହାରର ପ୍ରାୟ ୬୦% ମଧ୍ୟପ୍ରାଚ୍ୟରୁ ଯୋଗାଣରୁ ହିଁ ଆହରଣ କରାଯାଉଥିଲା ଏବଂ ସେହି ଯୋଗାଣର ଅଧିକାଂଶ ଭାଗ ପ୍ରାୟ ରାତାରାତି ଶୂନ୍ୟ ହୋଇଗଲା । ତା'ପରେ ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଏକ ଯୁଦ୍ଧ କକ୍ଷରୁ ପରିଚାଳନା କରିବା ଭଳି କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହା ଦ୍ୱାରା କାର୍ଗୋ ଜାହାଜରୁ ଅନ୍ୟ କାର୍ଗୋ ଜାହାଜ, ରିଫାଇନାରୀରୁ ରିଫାଇନାରୀ, ବଟଲିଂ ପ୍ଲାଂଟରୁ ଅନ୍ୟ ବଟଲିଂ ପ୍ଲାଂଟ ପର୍ଯ୍ୟନ୍ତ ଉଭୟ ଚାହିଦା ଓ ଯୋଗାଣକୁ ଟ୍ରାକ୍ କରାଯାଇଥିଲା ଯାହା ଦ୍ୱାରା ଦେଶର ପ୍ରତ୍ୟେକ ରୋଷେଇ ଘରେ ଯେପରି ଜାଳେଣି ଗ୍ୟାସ୍ ଉପଲବ୍ଧ ଜାରି ରହିପାରିବ । ଯୋଗାଣ ଦିଗରୁ ମାର୍ଚ୍ଚ ୮ ତାରିଖ ଦିନ ଏଲ.ପି.ଜି. ନିୟନ୍ତ୍ରଣ ଆଦେଶନାମା ଜାରି କରାଯାଇଥିଲା, ଯାହା ସମସ୍ତ ରିଫାଇନାରୀଗୁଡ଼ିକୁ ସେମାନଙ୍କର ସମସ୍ତ ସି୩- ସି୪ କାର୍ବନ ଯୋଗାଣକୁ ଏଲ.ପି.ଜି. ଉତ୍ପାଦନକୁ ସର୍ବାଧିକ କରିବାକୁ ପାଇଁ ନିର୍ଦ୍ଦେଶ ଦେଇଥିଲା । ଯେଉଁ ରିଫାଇନାରୀଗୁଡ଼ିକ କେବେବି ରନ୍ଧନ ଗ୍ୟାସ୍ ତିଆରି କରି ନଥିଲେ, ସେମାନଙ୍କୁ କିଛି ଦିନ ମଧ୍ୟରେ ପୁନଃବିନ୍ୟାସ କରାଯାଇ ଥିଲା ଏବଂ ଉତ୍ପାଦନ ପ୍ରତିଦିନ ୩୫ ଟି.ଏମ.ଟି.ରୁ ପ୍ରତିଦିନ ୫୪ ଟି.ଏମ.ଟି.କୁ ବୃଦ୍ଧି କରାଯାଇ ଥିଲା । ଯୁଦ୍ଧର ତୀବ୍ର ଅବସ୍ଥାରେ, ଯେତେବେଳେ କୌଣସି ଜାହାଜ ହର୍ମୁଜରୁ ବାହାରକୁ ଯାଉ ନଥିଲା, ସେତେବେଳେ ୧୨ରୁ ଅଧିକ ଭାରତୀୟ ଏଲ.ପି.ଜି. ଜାହାଜକୁ କୌଣସି ଟୋଲ୍ ନ ଦେଇ ଚୁପଚାପ୍ ହର୍ମୁଜ୍ ପ୍ରଣାଳୀରୁ ବାହାରକୁ ସ୍ଥାନାନ୍ତର କରାଯାଇ ଥିଲା - ଯେକୌଣସି ଦେଶ ପାଇଁ ସର୍ବାଧିକ ସଂଖ୍ୟା । ଲୋହିତ ସାଗର ମାର୍ଗରେ ୟାନବୁ ଏବଂ ଫୁଜୈରାହ ବନ୍ଦରରୁ କାର୍ଗୋ ସୁରକ୍ଷିତ କରାଯାଇଥିଲା ଏବଂ ଗୋଟିଏ ଜାହାଜରୁ ଅନ୍ୟ ଜାହାଜକୁ ସ୍ଥାନାନ୍ତର କରାଯାଇ ଥିଲା । ଆମେରିକାରୁ କାର୍ଗୋ ସୁରକ୍ଷିତ ଭାବରେ ଆହରଣ କରାଯାଉଥିଲାବେଳେ ସେଠାକୁ ଖାଲି ଜାହାଜ ପଠାଯାଇଥିଲା, ନୂତନ କାର୍ଗୋ ପାଇବା ପାଇଁ ଜାହାଜଗୁଡ଼ିକୁ ହର୍ମୁଜ୍ ଭିତରକୁ ପଠାଯାଇଥିଲା ଏବଂ ଆଲଜେରିଆ, ଜାପାନ ଏବଂ କାନାଡା ଭଳି ଅନେକ ଦେଶ ସହିତ ନୂତନ ଯୋଗାଣ ଲାଇନ୍ ଖୋଲାଯାଇଥିଲା । ମୁଁ ପ୍ରତ୍ୟେକ ଦେଶର ଶକ୍ତି ମନ୍ତ୍ରୀଙ୍କ ସହ ଏକାଧିକବାର କଥା ହୋଇଥିଲି ଯେଉଁମାନେ ଏଲ.ପି.ଜି. ରପ୍ତାନି କରିପାରିବେ । ମୁଁ କହିବି ଯେ ଆମେ ଯେଉଁ ଯେଉଁ ଉତ୍ପାଦକଙ୍କ ସହିତ କେବେ ଚୁକ୍ତି କରିଥିଲୁ, ଉପସାଗର ଭିତରେ ଏବଂ ଏହାର ବାହାରେ, ସେମାନେ ପ୍ରତ୍ୟେକେ ଆମ ସହିତ ଠିଆ ହୋଇଥିଲେ । ଯଦିଓ, ଯୋଗାଣ ପ୍ରୟାସର ଅଧା ଥିଲା; କାରଣ ଚାହିଦାକୁ ମଧ୍ୟ ପ୍ରାଥମିକତା ଦେବାକୁ ପଡ଼ିଥିଲା, ତଥାପି ଘରକୁ ଯୋଗାଯାଉଥିବା ରନ୍ଧନ ଗ୍ୟାସକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରାଯାଇଥିଲା ଏବଂ କଳାବଜାରୀ ମାନଙ୍କ ଦ୍ୱାରା ଏହି ମୂଲ୍ୟବାନ ଯୋଗାଣର ପରିବର୍ତ୍ତନକୁ ରୋକିବା ପାଇଁ ଡିଜିଟାଲ୍ ପ୍ରମାଣୀକରଣ କୋଡ୍ ବାଧ୍ୟତାମୂଳକ କରାଯାଇଥିଲା । ୨୫ ଦିନ ଏବଂ ୪୫ ଦିନର ସୀମା ଲାଗୁ କରାଯାଇଥିଲା ଯାହା ଦ୍ୱାରା ପ୍ରତ୍ୟେକ ନାଗରିକଙ୍କୁ ଆବଶ୍ୟକ ସମୟରେ ସିଲିଣ୍ଡର ମିଳିପାରିବ । କିନ୍ତୁ କେହି ଯେପରି ଅନାବଶ୍ୟକ ଭାବରେ ସିଲିଣ୍ଡର ଗଛିତ ରଖିପାରିବେ ନାହିଁ, ତାହା ସୁନିଶ୍ଚିତ କରାଯାଇଥିଲା । ବାଣିଜ୍ୟିକ ସିଲିଣ୍ଡର ନିୟନ୍ତ୍ରିତ ନ ଥିବାରୁ ଏବଂ ଯେକୌଣସି କ୍ରେତା ଏକାଥରେ ସମସ୍ତ ସାମଗ୍ରୀ କିଣିପାରିବେ, ତେଣୁ ଏହାକୁ ଶିଳ୍ପ ସଂଘ ଏବଂ ରାଜ୍ୟ ନାଗରିକ ଯୋଗାଣ ବିଭାଗ ମାଧ୍ୟମରେ ଯୋଗାଣର ବ୍ୟବସ୍ଥା କରାଯାଇ ଥିଲା ଯାହା ଫଳରେ ସମସ୍ତେ ପର୍ଯ୍ୟାପ୍ତ ପରିମାଣରେ ପାଇପାରିବେ; କିନ୍ତୁ କେହି ଗଚ୍ଛିତ ରଖିପାରିବେ ନାହିଁ । ଶିଳ୍ପସଂସ୍ଥା ମାନଙ୍କୁ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଣ ବ୍ୟବସ୍ଥାକୁ ସ୍ଥାନାନ୍ତରିତ କରାଯାଇ ଥିଲା । ବଡ଼ ରନ୍ଧନଶାଳା ଏବଂ ପ୍ରତିଷ୍ଠାନଗୁଡ଼ିକୁ ଯେଉଁଠାରେ ସମ୍ଭବ ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇ ଥିଲା ଏବଂ ଘରୋଇ ପାଇପ୍ ଗ୍ୟାସ ଏବଂ ସି.ଏନ.ଜି.କୁ ନୋ-କଟ ବର୍ଗରେ ରଖାଯାଇଥିଲା । ଶୀଘ୍ର ପୌର ଅନୁମତି ଆହରଣ ମାଧ୍ୟମରେ ପାଇପ୍ ଯୋଗେ ଗ୍ୟାସ ସଂଯୋଗକୁ ସ୍ଥାନାନ୍ତର କରିବା ପାଇଁ ସମଗ୍ର ସରକାରୀ ବ୍ୟବସ୍ଥା ଏକଜୁଟ ହୋଇଥିଲେ । ପ୍ରବାସୀ ସମେତ ଅନେକ ବାସ୍ତବେ ଉପଭୋକ୍ତା ମଧ୍ୟ ଡି.ଏ.ସି. ଆବଶ୍ୟକତା ଯୋଗୁଁ ବର୍ତ୍ତମାନ କିଣିପାରୁ ନଥିବା ଏଜେଂଟମାନଙ୍କ ଠାରୁ ସିଲିଣ୍ଡର କିଣିଥିଲେ । ତେଣୁ ଏହାର ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହେବା ପର୍ଯ୍ୟନ୍ତ ସାରା ଦେଶରେ ୫ କିଲୋଗ୍ରାମ ମୁକ୍ତ ବାଣିଜ୍ୟ ସିଲିଣ୍ଡର ଉପଲବ୍ଧ କରାଯାଇଥିଲା । ଆତଙ୍କ ପ୍ରଚାରକାରୀ ଏବଂ ମିଥ୍ୟା ଖବର ପ୍ରସାରକାରୀମାନେ ମିଥ୍ୟା ଗୁଜବ ପ୍ରଚାର କରିବା ଏବଂ ଅଭାବ, ଆତଙ୍କ ଏବଂ ଅରାଜକତାର ଧାରଣା ସୃଷ୍ଟି କରିବା ପାଇଁ ନକଲି ଭିଡିଓ ପ୍ରସାର କରିବା ଆରମ୍ଭ କରିଥିଲେ, ଯଦିଓ ସରକାର ଦେଶର କୌଣସି ସ୍ଥାନରେ ପ୍ରକୃତ ଯୋଗାଣ ବାଧାପ୍ରାପ୍ତ ନହେବା ନିଶ୍ଚିତ କରିବା ପାଇଁ ପ୍ରତିଦିନ ଏକ 'ୱାର ରୁମ୍' ମୋଡରେ ଅନେକ ସଂକଟକୁ ପ୍ରତିହତ କରିବା ଭଳି ପଦକ୍ଷେପ ଗ୍ରହଣ କରିଥିଲେ । ଏହା ପଛରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂକଳ୍ପ ଥିଲା ଯେ ରାଜକୋଷକୁ ଯେକୌଣସି ମୂଲ୍ୟ ଦେବାକୁ ପଡ଼ିଲେ ମଧ୍ୟ ଦେଶର ନାଗରିକମାନଙ୍କୁ ସକଳ ପ୍ରକାର ସୁରକ୍ଷା ଦିଆଯିବ - ଯାହା ରୁଷ-ୟୁକ୍ରେନ ସଂଘର୍ଷ ଏବଂ ଜୀବନ ପ୍ରତି ବିପଦପୂର୍ଣ୍ଣ କୋଭିଡ ଚ୍ୟାଲେଞ୍ଜ ପରେ ଶକ୍ତି ସଙ୍କଟ ସମୟରେ 'ଭାରତ ପଥ' ହୋଇଛି । ଚଳିତ ବର୍ଷ ଫେବୃଆରୀ ଏବଂ ଜୁନ ମାସ ମଧ୍ୟରେ, ରନ୍ଧନ ଗ୍ୟାସର ଆନ୍ତର୍ଜାତୀୟ ମାନଦଣ୍ଡ, ସାଉଦି ସି.ପି., ପ୍ରାୟ ୫୦% ବୃଦ୍ଧି ପାଇଛି ଏବଂ ତଥାପି ଆମଦାନୀ-ସଂଯୋଜିତ ହାରରେ ୧,୬୦୦ ଟଙ୍କାରୁ ଅଧିକ ମୂଲ୍ୟର ଏକ ସିଲିଣ୍ଡର ଏବେ ବି ୬୪୨ ଟଙ୍କାରେ ଏକ ଉଜ୍ଜ୍ୱଳା ହିତାଧିକାରୀଙ୍କ ଘରେ ପହଂଚୁଛି । ମୋଦୀ ସରକାର ପ୍ରତ୍ୟେକ ଉଜ୍ଜ୍ୱଳା ସିଲିଣ୍ଡର ଉପରେ ପ୍ରାୟ ୯୦୦ ଟଙ୍କା କ୍ଷତି ଏବଂ ପ୍ରତ୍ୟେକ ପରିବାରକୁ ଯାଉଥିବା ପ୍ରତ୍ୟେକ ସିଲିଣ୍ଡର ଉପରେ ପ୍ରାୟ ୬୦୦ ଟଙ୍କାର କ୍ଷତି ସରକାର ବହନ କରୁଛନ୍ତି, ଯାହା ଫଳରେ ପ୍ରତ୍ୟେକ ଭାରତୀୟ ପରିବାରଙ୍କ ନିକଟରେ ତାହା ପହଂଚି ପାରିବ । ପାକିସ୍ତାନ, ବାଂଲାଦେଶ, ନେପାଳ, ସ୍ପେନ୍ କିମ୍ବା ଫ୍ରାନ୍ସର ପରିବାର ତୁଳନାରେ ସେମାନଙ୍କ ରନ୍ଧନ ଗ୍ୟାସ ପାଇଁ ବହୁତ କମ୍ ମୂଲ୍ୟ ଦେଉଛନ୍ତି । ମାର୍ଚ୍ଚ ମାସରେ ପ୍ରତି ଲିଟର ୧୦ ଟଙ୍କାର ଏକ ଅତ୍ୟନ୍ତ ସାହସିକ ଏବଂ ଦୃଢ଼ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ହ୍ରାସ ମୂଲ୍ୟ ଆଘାତର ଏକ ବଡ଼ ଅଂଶକୁ ଶୋଷିତ କରିଛି, କାରଣ ଅଶୋଧିତ ତେଲ ଦର ପ୍ରାୟ ଦୁଇଗୁଣ ଅଧିକ ହୋଇଯାଇଥିଲା ଏବଂ ରାଷ୍ଟ୍ରାୟତ ତୈଳ କମ୍ପାନୀମାନେ ଏହି ତ୍ରୈମାସିକ ପର୍ଯ୍ୟନ୍ତ ପ୍ରତିଦିନ ୫୦୦-୧୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ବହନ କରିଥିଲେ । ସେହି ମାସ ଗୁଡ଼ିକରେ, ଏକ ଆମେରିକୀୟ ପମ୍ପରେ ପେଟ୍ରୋଲ ଦର ୪୦%ରୁ ଅଧିକ ଏବଂ ବ୍ରିଟେନରେ ପ୍ରାୟ ୨୦% ବୃଦ୍ଧି ପାଇଲା, ୟୁରୋପର ଅଧିକାଂଶ ସ୍ଥାନରେ ଏହା ଦୁଇ ଅଙ୍କ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା, ଯେତେବେଳେ ଏକ ଭାରତୀୟ ପମ୍ପରେ ଏହି ବୃଦ୍ଧି ମାତ୍ର ୭% ମଧ୍ୟରେ ସୀମିତ ରହିଥିଲା । ଆଉ ଏକ ଆଶଙ୍କା ଥିଲା ଯେ ଏଭଳି ସ୍ଥିତିରେ ଅର୍ଥନୀତି ବ୍ୟାପକ ଭାବରେ ପ୍ରଭାବିତ ହେବ, ବିଦେଶୀ ମୁଦ୍ରା ଭଣ୍ଡାର ଶୁଷ୍କ ହୋଇଯିବ ଏବଂ ଆମର ଆର୍ଥିକ ସମ୍ଭାବନା ଅନ୍ଧକାରମୟ ହୋଇଯିବ । କିନ୍ତୁ ସେହିସବୁ ଭଣ୍ଡାରଗୁଡ଼ିକ ନିଜେ ଏହାର ଉତର ଦିଅନ୍ତି, ପ୍ରାୟ ୬୯୦ ବିଲିୟନ ଡଲାରର ବିଦେଶୀ ମୁଦ୍ରା ଭଣ୍ଡାର, ଯାହା ଯୁଦ୍ଧ ଆରମ୍ଭ ହେବା ସପ୍ତାହରେ ରେକର୍ଡ ହୋଇଥିବା ସର୍ବକାଳୀନ ଉଚ୍ଚତାଠାରୁ ସାମାନ୍ୟ ହ୍ରାସ ପାଇଲା ଏବଂ ଗତ ତ୍ରୈମାସିକରେ ଭାରତୀୟ ଅର୍ଥନୀତି ୭.୮% ବୃଦ୍ଧି ପାଇଲା । ସେତେବେଳେ କୁହାଯାଉ ଥିଲା ଯେ ଭାରତରେ କେବଳ ୮ କିମ୍ବା ୯ ଦିନର ଷ୍ଟକ୍ ଥିଲା ଏବଂ ତା'ଠାରୁ ଅଧିକ ଧାରଣ କରିବାର ବାସ୍ତବ କ୍ଷମତା ଦେଶର ନାହିଁ । ଏହା ଏପରି ଦାବି ଯାହା ୧୫୦ କୋଟି ଲୋକଙ୍କ ଏକ ବୃହତ୍ ଶକ୍ତି ଅର୍ଥନୀତି ପ୍ରକୃତରେ କିପରି କାମ କରେ, ସେହି ଆଶଙ୍କାକୁ ଭୁଲ୍ ବୋଲି ପ୍ରମାଣିତ କରିଥିଲା । ଚୋରା ଛପାରେ ଏକ ଦେଶକୁ ଚଳାଯାଏ ନାହିଁ, କାରଣ ଭୂମିଗତ ଭାବରେ ଆବଦ୍ଧ ଶକ୍ତି କିଛି ରୋଜଗାର କରେ ନାହିଁ ଏବଂ ଏହାକୁ ଧରି ରଖିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଆପଣ ଏହାକୁ ଦେଶବ୍ୟାପୀ ବିସ୍ତାରିତ ଆମଦାନୀ ଟର୍ମିନାଲ, ଡିପୋ, ପାଇପ୍ ଲାଇନ, ରିଫାଇନାରୀ ଏବଂ ଷ୍ଟୋରେଜ ବ୍ୟବସ୍ଥା ମାଧ୍ୟମରେ ଚଳାନ୍ତୁ ଏବଂ ଆଜି ଭାରତରେ ୨୪ ଗୋଟି ରିଫାଇନାରୀ, ୪୭,୦୦୦ କିଲୋମିଟରରୁ ଅଧିକ ତେଲ ଏବଂ ଗ୍ୟାସ ପାଇପ୍ ଲାଇନ ଏବଂ ୧ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ଅଛି, ଯାହା ପ୍ରତିଦିନ ପ୍ରାୟ ୮ କୋଟି ଲୋକଙ୍କୁ ସେବା ଯୋଗାଇଥାଏ । ସେହି ବ୍ୟବସ୍ଥାର ନିଷ୍ଠାପର ପରୀକ୍ଷା ଏକ ପ୍ରଳୟର ଭବିଷ୍ୟବାଣୀକାରୀଙ୍କ ଭାବନାରେ ଏକ ସଂଖ୍ୟା ନୁହେଁ । ଏହା ହେଉଛି ଆଧୁନିକ କାଳର ସର୍ବ ବୃହତ୍ ଶକ୍ତି ବିଭ୍ରାଟ, ଯାହା ମଧ୍ୟରେ ପ୍ରାୟ ଚାରି ମାସ ପରେ, ଦେଶକୁ ଏହାର ନାଗରିକମାନଙ୍କ ଉପରେ ରାସନିଂ କରିବାକୁ ବାଧ କରିବାକୁ ପଡିଛି । ଅଯୁଗ୍ମ ଏବଂ ଯୁଗ୍ମ ନମ୍ବର ପ୍ଲେଟଯୁକ୍ତ ଯାନ ନିମନ୍ତେ ଇନ୍ଧନ ରାସନ କରିବାକୁ ପଡିଛି, ଏହାର ଅନେକ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବାକୁ ପଡିଛି କିମ୍ବା ପ୍ରତିଦିନ ସନ୍ଧ୍ୟା ୫ଟାରେ ପ୍ରେଟ୍ରୋଲ ପମ୍ପ ବନ୍ଦ କରିବାକୁ ପଡିଛି । ଭାରତକୁ ଏସବୁ କିଛି କରିବାକୁ ପଡିନାହିଁ । ଏହା ସବୁ ସମ୍ଭବ ହୋଇଥିଲା କାରଣ ପୂର୍ବରୁ ଭୂମି ପ୍ରସ୍ତୁତ କରାଯାଇଥିଲା । ୨୭ଟି ଦେଶରୁ ୪୧ଟି ଦେଶକୁ ଆମର ଅଶୋଧିତ ତୈଳ ସଂଗ୍ରହର କ୍ଷେତ୍ରକୁ ବିସ୍ତାର କରିବା, ଆମର ଆମଦାନୀ ଟର୍ମିନାଲକୁ ଦ୍ୱିଗୁଣିତ କରିବା ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏକ ଦଶନ୍ଧି ଧରି ନିର୍ମିତ ପାଇପ୍ ଲାଇନ ଏବଂ ରିଜର୍ଭ, ଯେତେବେଳେ ହୋର୍ମୁଜ ପ୍ରଣାଳୀ ପରିଶେଷରେ ବନ୍ଦ ହୋଇଗଲା, ସେତେବେଳେ କୌଣସି ପ୍ରତିକୂଳ ପ୍ରଭାବ ପକାଇ ନଥିଲା; ସେହିସବୁ ପ୍ରାକପ୍ରସ୍ତୁତି ହିଁ ଆଲୋକକୁ ଜଳାଇ ରଖିବାର କାରଣ ସାଜିଥିଲା । ଏଭଳି ଏକ ଗମ୍ଭୀର ସଙ୍କଟ ଗୋଟିଏ ଦେଶକୁ ତାର ପ୍ରକୃତ ସାମର୍ଥ୍ୟ ଓ ସାହସ ଦେଖାଇଥାଏ । ଭାରତ ହର୍ମୁଜ୍ ପ୍ରଣାଳୀର ବନ୍ଦ ହେବା ସ୍ଥିତିକୁ ଦୃଢ଼ତାର ସହ ସାମ୍ନା କଲା ଏବଂ ସାରା ଦେଶରେ କୌଣସି ସ୍ଥାନରେ ବିନା କୌଣସି ଅଭାବରେ ନିଜର ଯୋଗାଣ ବଜାୟ ରଖିଲା । ଏହି ଅଭିଜ୍ଞତାରୁ ଶିକ୍ଷା ଲାଭ କରି, ଆମେ ଆମର ଶକ୍ତି (ଉର୍ଜା) ସ୍ଥିତିସ୍ଥାପକତାକୁ ଅଧିକ ମଜବୁତ କରିବା ପାଇଁ ଅତିରିକ୍ତ ଦକ୍ଷତା ପ୍ରସ୍ତୁତ କରିବୁ । କିନ୍ତୁ ଯେତେବେଳେ ଏହି ସଂଘର୍ଷର ଇତିହାସ ଲେଖାଯିବ, ସେତେବେଳେ ଗୋଟିଏ ଧାଡ଼ି ନିଶ୍ଚିତ ଭାବେ ସ୍ମରଣୀୟ ହୋଇ ରହିବ: ମାନବ ସମାଜର ସ୍ମୃତିରେ ଥିବା ସବୁଠାରୁ ବଡ଼ ଶକ୍ତି (ଇନ୍ଧନ) ସଙ୍କଟ ଆମ ସୀମାକୁ ସ୍ପର୍ଶ କରିଥିଲା, ହେଲେ ୧୫୦ କୋଟି ଭାରତୀୟ ନାଗରିକଙ୍କୁ ଏଥିରୁ ସୁରକ୍ଷିତ ରଖା ଯାଇପାରିଥିଲା ।



ଶ୍ରୀ ହରଦୀପ ସିଂହ ପୁରୀ

***(ଲେଖକ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ ମନ୍ତ୍ରୀ)***

# ପୂର୍ବତନ ସୈନିକ ଓ ବୀର ନାରୀଙ୍କ ପେନସନ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର

ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ଏସପି କାର୍ଯ୍ୟାଳୟ ସମ୍ମୁଖ ଗଳି ସ୍ଥିତ ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ପୂର୍ବତନ ସୈନିକ ଓ ବୀର ନାରୀଙ୍କ ପେନସନ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ବ୍ରହ୍ମପୁରରେ ପ୍ରଥମ ଥର ଆୟୋଜିତ ହୋଇଥିବା ବେଳେ ମହାରାଷ୍ଟ୍ର ଅହଲ୍ୟାନଗର ସ୍ଥିତ ମେକାନାଇଜ୍ଡ ଇନଫାଂଟ୍ରି ରେଜିମେଂଟ କେନ୍ଦ୍ରର ବ୍ରିଗେଡିୟର ପି. ସୁନୀଲ କୁମାର, ସେନା ମେଡାଲ, ଅଫିସର- ଇନ୍-ଚାର୍ଜ, ରେକର୍ଡସ୍, ତତ୍ତ୍ୱାବଧାନରେ ଲେଫ୍ଟନାଂଟ କର୍ଣ୍ଣେଲ୍ ଅଶୋକ କୁମାର, ଚିଫ୍ ରେକର୍ଡ ଅଫିସର ଯୋଗଦେଇ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପେନସନ ଜନିତ ସମସ୍ୟାର ସମାଧାନ କରିଥିଲେ । ଏହି ଶିବିରରେ ୧୦୫ ଜଣ ପୂର୍ବତନ ସେନା ଓ ବୀର ନାରୀଙ୍କ ପେନସନ ଜନିତ ସମସ୍ୟାର ସମାଧାନ ହୋଇଥିଲା । କାର୍ଯ୍ୟକୁ ଉକ୍ତ କାର୍ଯ୍ୟାଳୟ ର ମୁଖ୍ୟ କିରାଣୀ ଗୌରବ କୁମାର୍ ସାହୁ, ସନ୍ତୋଷ କୁମାର ଦାସ, ଏସ.କାମରାଜ, ପାଣ୍ଡବ ସାହୁଙ୍କ ସମେତ ଭେଟେରାନ ଆସୋସିଏସନ୍ ଓଡ଼ିଶାର ସଭାପତି କାଳୁ ଚରଣ ପ୍ରଧାନ, ସାଧାରଣ ସମ୍ପାଦକ ଅଭୟ ଚରଣ ପାତ୍ର, ଶିବ ଶଙ୍କର ମାଝୀ, ଭଗବାନ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ରାଜେନ୍ଦ୍ର ସୁବୁଦ୍ଧି ଏବଂ ଅଭୟ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ ।



# ପାଇକାଳୀ ଠାରୁ କଲେଜଛକ ଡ୍ରେନ୍ ପାଇଁ ଉଚ୍ଚସ୍ତରୀୟ ପରିଦର୍ଶନ

ସୋର(ନିପ୍ର): ସୋର ଉତରେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ପଶ୍ଚିମପାଶ୍ୱର୍ରେ ସ୍ଥାୟୀ ଭାବେ ଡ୍ରେନ୍ ନିର୍ମାଣ ପାଇଁ ବିଧାୟକ, ପ୍ରଶାସନ ଓ ପୂର୍ତ ବିଭାଗ ତରଫରୁ ଯୁଗ୍ମ ପରିଦର୍ଶନ କରାଯାଇଛି । ଜାତୀୟ ରାଜପଥ ୬ଟିକିଆ ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ଉତରେଶ୍ୱର ଠାରୁ କଲେଜଛକ ଜଳ ନିଷ୍କାସନ ଏବେ ବଡ଼ ସମସ୍ୟା ହୋଇ ରହିଥିଲା । ପ୍ରତ୍ୟେକ ବର୍ଷ ବର୍ଷାଦିନ ହେଲେ ଅଧିକାଂଶ ସମୟରେ ଉତରେଶ୍ୱର ବଜାର ଜଳମଗ୍ନ ହୋଇ ରହୁଥିବାରୁ ବେଳେ ସାମାନ୍ୟ ବର୍ଷା ଜଳ ଜମାରହି ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହେଉଥିବା ସଂପର୍କରେ ସୋରବାସୀଙ୍କ ତରଫରୁ ଦାବିକୁ ଦୃଷ୍ଟିରେ ରଖି ପୂର୍ତ ବିଭାଗ ତରଫରୁ ପାଇକାଳୀଠାରୁ କଲେଜଛକ ପର୍ଯ୍ୟନ୍ତ ଅଢ଼େଇ କିଲୋମିଟର ରାସ୍ତାକୁ ୧୯ କୋଟି ଟଙ୍କାର ଟେଣ୍ଡର କରାଯାଇଛି । ଏହି ଉପଲକ୍ଷେ ଆଜି ସୋର ବିଧାୟକ ମାଧବ ଧଡ଼ା, ପୂର୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶ୍ରୀସଙ୍ଗୀତା ସାହୁ, ଜେଇ ଲକ୍ଷ୍ମଣ ମୁର୍ମୁ, ସୋର ତହସିଲଦାର କୃଷ୍ଣଚନ୍ଦ୍ର ସିଂହ, ପୌର କାର୍ଯ୍ୟନିର୍ବାହୀ ଅଧିକରୀ ବିଶ୍ୱରଂଜନ ପ୍ରଧାନ, ଇଲେକ୍ଟ୍ରିକାଲ ଏସ୍‌ଡିଓ, ଫରେଷ୍ଟ ବିଭାଗ ଅଧିକରୀ ଏବଂ ବ୍ରିଜଗୋପାଳ ଡିଜାଇନିଂ ଇଂଜିନିୟର ପ୍ରମୁଖ ଉପସ୍ଥିତ ରହି ଏହି ରାସ୍ତା ପାଶ୍ୱର୍ ଡ୍ରେନ ନିର୍ମାଣ ପାଇଁ ପରିଦର୍ଶନ କରିଥିଲେ । ଏହି ଡ୍ରେନ୍‌ଟି ୩ ମିଟର ଓସାର ଏବଂ ୩ ମିଟର ଗଭୀର ହେବ ବୋଲି ଜଣାପଡ଼ିଛି । ଯାହା ଫଳରେ ପାହାଡ଼ରୁ ଆସୁଥିବା ବର୍ଷା ଜଳ ସୁବିଧାରେ ନିଷ୍କାସିତ ହୋଇ ପାରିବ ବୋଲି ଅଧିକରୀମାନେ କହିଛନ୍ତି ।

# ବୃକ୍ଷରୋପଣ ଅଭିଯାନ ଉତରପିଢ଼ି ନିମନ୍ତେ ବରଦାନ ସଦୃଶ

ବ୍ରହ୍ମପୁର(ନିପ୍ର): ଜୁଲାଇ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ୭୭ତମ ବନ ମହୋତ୍ସବ । ଅତ୍ୟାଧୁନିକ ଯୁଗର ବିପନ୍ନ ପରିବେଶର କ୍ଷତିପୂରକ ଭାବେ ତଥା ଏକ ସବୁଜିମାମୟ ପରିବେଶ ମଧ୍ୟରେ ଜୀବଜଗତର କଲ୍ୟାଣ ନିମନ୍ତେ ବନ ମହୋତ୍ସବ ପାଳନର ପରିକଳ୍ପନା ଉପାଦେୟ ସାବ୍ୟସ୍ତ ହେଉଛି । ବ୍ୟସ୍ତବହୁଳ ଜୀବନ ଭିତରେ ଏପରି ଏକ ମହୋତ୍ସବ ପାଳନ ବ୍ୟାପକ ଜନ ସଚେତନତା ସୃଷ୍ଟି କରିପାରୁଛି । ସ୍କୁଲ୍, କଲେଜ ସ୍ତରରୁ ଆରମ୍ଭ କରି ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଏହି ମହୋତ୍ସବ ପାଳନ ପୂର୍ବକ ବୃକ୍ଷରୋପଣ ଅଭିଯାନ ଚାଲିଛି । ଏହି କ୍ରମରେ ବ୍ରହ୍ମପୁର କରାପାଲ୍ଲୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ ପୂର୍ବକ ବୃକ୍ଷରୋପଣ କରାଯାଇଛି । ପ୍ରଶସ୍ତ ଟାଙ୍ଗରା ମାଟିରେ ସବୁଜିମା ବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ଉକ୍ତ ସ୍କୁଲ ପରିସରରେ ପୂର୍ବରୁ ଆରମ୍ଭ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଉ ପାଦେ ଆଗକୁ ବଢ଼ିଛି । ଏଠାରେ କଦମ୍ବ, ଡାଳିମ୍ବ, ଅଁଳା, ଜାମୁ ଓ ପିଜୁଳି ପରି ଚାରା ରୋପଣ କରାଯାଇଛି । ସେକ୍ରେଟାରୀ, ଜିଲ୍ଲା ନ୍ୟାୟିକ ସେବା କର୍ତ୍ତୃପକ୍ଷ, ଗଞ୍ଜାମ, ବ୍ରହ୍ମପୁର ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୃକ୍ଷରୋପଣ ଅଭିଯାନ ଆଗାମୀ ଦିନରେ ଚାଲୁ ରହିବ ବୋଲି ବିଦ୍ୟାଳୟର ନ୍ୟାୟିକ ସାକ୍ଷରତା କ୍ଲବ ଇନ୍‌ଚାର୍ଜ (ଏସ୍.ଏଲ୍.ଏଲ୍.ସି) ମଧୁସୂଦନ ମିଶ୍ର ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ନାୟକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍କୁଲ ପିଲାଙ୍କ ଆଗ୍ରହ ଓ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଡଭୋକେଟ୍ ସଦାନନ୍ଦ ପାତ୍ର, ଫରେଷ୍ଟର ବାବୁ ସେଠି, ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସନ୍ତୋଷିନୀ ପାଣିଗ୍ରାହୀ, ଦୀପିକା ଦିଗାଲ ଏବଂ ସି.ସି.ଏ ଇନ୍‌ଚାର୍ଜ କୁନା ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତ୍ୟେକେ ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ ।



# ଟିପିଏନ୍‌ଓଡିଏଲ୍ ପକ୍ଷରୁ 'ଡିଜିଟାଲ୍ ଇଣ୍ଡିଆ ଦିବସ' ଅବସରରେ ଡିଜିଟାଲ୍ ସଚେତନତା ଅଭିଯାନର ଶୁଭାରମ୍ଭ

ବାଲେଶ୍ୱର(ନିପ୍ର): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ 'ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍' (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଡିଜିଟାଲ୍ ଇଣ୍ଡିଆ ଦିବସ ଅବସରରେ 'ଆକ୍ସିଲେରେଟିଙ୍ଗ୍ ଦି ଡିଜିଟାଲ୍ ଜର୍ଣ୍ଣି' (ଡିଜିଟାଲ୍ ଯାତ୍ରାକୁ ତ୍ୱରାନ୍ୱିତ କରିବା) ଶୀର୍ଷକ ମାସବ୍ୟାପୀ ସଚେତନତା ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । ଉତର ଓଡିଶାରେ ବିଦ୍ୟୁତ ସେବା କ୍ଷେତ୍ରରେ ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଆଣିବା ଏବଂ ଗ୍ରାହକ ଓ କର୍ମଚାରୀ ଉଭୟଙ୍କ ପାଇଁ ସେବା ଅନୁଭୂତିକୁ ଅଧିକ ସୁଦୃଢ଼ କରିବା ଏହି ବ୍ୟାପକ ଅଭିଯାନର ମୂଳ ଲକ୍ଷ୍ୟ । ଏହି ସ୍ୱତନ୍ତ୍ର ଅଭିଯାନକୁ ଟିପିଏନ୍‌ଓଡିଏଲ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପରିଚାଳନା ସେବା ମୁଖ୍ୟ ନୀଲେଶ ପୋଟଫୋଡ଼େ, ସିଏଫ୍‌ଓ ସିଲାଦିତ୍ୟ ସେନଗୁପ୍ତା, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚିଫ୍ ଇଞ୍ଜିନିୟର ରାଜୀବ କୁମାର ନାୟକ ତଥା ଆଇଟି ଓ ଓଟି ସେବା ମୁଖ୍ୟ ରାଜୀବ କୁମାର ଗୋଏଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଅଧିବେଶନରେ ତ୍ୟାଗୀ କମ୍ପାନୀର ରଣନୀତିକ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିବା ସହ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରୁଥିବା ଏକ ଉପଭୋକ୍ତା-କୈନ୍ଦ୍ରିକ ବିଦ୍ୟୁତ ବିତରଣ ନେଟୱାର୍କ ଗଠନ ପାଇଁ ଟିପିଏନ୍‌ଓଡିଏଲ୍ ର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସେ କହିଥିଲେ ଯେ ପରିଚାଳନା, ସୁରକ୍ଷା, ବ୍ୟବସାୟିକ ତଥା ଉପଭୋକ୍ତା ସେବା କ୍ଷେତ୍ରରେ ଡିଜିଟାଲ୍ ମାଧ୍ୟମର ସଫଳ ବ୍ୟବହାର ପୂର୍ବକ ଉପଭୋକ୍ତାଙ୍କୁ ସରଳ, ସୁବିଧାଜନକ ଏବଂ ଗୁଣାତ୍ମକ ସେବା ଯୋଗାଇ ଦେବା ନେଇ କମ୍ପାନୀ ନିରନ୍ତର ଚେଷ୍ଟାରତ ରହିଛି । ଏହି ମାସବ୍ୟାପୀ ଅଭିଯାନ ମାଧ୍ୟମରେ ଟିପିଏନ୍‌ଓଡିଏଲ୍ ନିଜସ୍ୱ କର୍ମଚାରୀ ତଥା ଉପଭୋକ୍ତାଙ୍କ ପାଇଁ ଡିଜିଟାଲ ସଚେତନତା କାର୍ଯ୍ୟକ୍ରମ ଏବଂ ଅନଲାଇନ୍ ସେବା ପ୍ଲାଟଫର୍ମର ଉପଯୋଗୀତା ବିଷୟରେ ବ୍ୟାପକ ପ୍ରଚାରପ୍ରସାର କରିବାର ଯୋଜନା ରଖିଛି । ବିଦ୍ୟୁତ ଦେୟ ପଇଠ, ନୂତନ ବିଦ୍ୟୁତ ସଂଯୋଗ, ସେବା ସମ୍ବନ୍ଧୀୟ ଅନୁରୋଧ ଏବଂ ଅଭିଯୋଗ ପଞ୍ଜିକରଣ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପାଇଁ ଗ୍ରାହକମାନଙ୍କୁ ଡିଜିଟାଲ୍ ମାଧ୍ୟମ ଆପଣେଇବାକୁ ପ୍ରୋତ୍ସାହିତ କରିବା ସହ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ଓ ଆଭ୍ୟନ୍ତରୀଣ କାର୍ଯ୍ୟଦକ୍ଷତାକୁ ମଜବୁତ କରିବା ଏବଂ ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଟିପିଏନ୍‌ଓଡିଏଲ୍ ନିଜସ୍ୱ ଏବଂ ସହଯୋଗୀ ସଂସ୍ଥା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସଚେତନତା ଶିବିର ଆୟୋଜନର ମଧ୍ୟ ଯୋଜନା ରଖିଛି । ଏହି ଅଭିଯାନ ବିଦ୍ୟୁତ ବିତରଣ କ୍ଷେତ୍ରରେ ଡିଜିଟାଲ୍ ସାକ୍ଷରତାକୁ ଆହୁରି ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କ ପାଇଁ ବିଶେଷ ଲାଭପ୍ରଦ ହେବ ତଥା ଉତର ଓଡିଶାବାସୀଙ୍କୁ ଗୁଣାତ୍ମକ ତଥା ନିର୍ଭରଯୋଗ୍ୟ ସେବା ଯୋଗାଇବାରେ ମଧ୍ୟ ସହାୟକ ହୋଇପାରିବ ।





# ଝାରସୁଗୁଡା ରେ ପାଂଚଦିନିଆ 'ଉଦ୍ୟମୀ ଓଡ଼ିଶା' ସମାରୋହ ଉଦ୍‌ଯାପିତ

ଝାରସୁଗୁଡା(ନି.ପ୍ର.)ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ଝାରସୁଗୁଡା ପକ୍ଷରୁ ଆୟୋଜିତ ପାଂଚଦିନିଆ 'ଉଦ୍ୟମୀ ଓଡ଼ିଶା' ଅଭିଯାନର ଉଦ୍ ?ଯାପନୀ ସମାରୋହ ଆଜି ଏମ. ସି. ଏଲ ଅଡିଟରିଅମ ହଲ ରେ ଆୟୋଜିତ ହୋଇଯାଇଛି । ଏହି ଉଦ୍ ?ଯାପନୀ ସମାରୋହରେ ଜିଲ୍ଲାପାଳ, ଝାରସୁଗୁଡା କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମାରୋହକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଚଓ୍ୱକ୍ଷଣ ''ଉଦ୍ୟମୀ ଓଡ଼ିଶା' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ଜନଆନ୍ଦୋଳନ ବୋଲି ମତବ୍ୟକ୍ତ କରିଥିଲେ । ଝାରସୁଗୁଡା ରେ ପ୍ରଚୁର ପ୍ରତିଭା, କଂଚାମାଲ ଏବଂ ଶିଳ୍ପ ପାଇଁ ଉପଯୁକ୍ତ ଜମି ଉପଲବ୍ଧ ରହିଛି । ଏହି ସବୁ ସମ୍ବଳ ର ସର୍ବୋତମ ବିନିଯୋଗ ସହ ଆମର ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ନୁହେଁ, ବରଂ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀରେ ପରିଣତ କରିବା ବୋଲି



ଜିଲ୍ଲାପାଳ ଶ୍ରୀ ଚାହ୍ୱଣ ଉଦବୋଧନ ଦେଇଥିଲେ କ୍ଷ ଡିଆଇସି ଓ ଡିଆଇପିଏ ପ୍ରତ୍ୟେକ ଉଦ୍ୟୋଗୀ ମାନଙ୍କୁ ଧାରଣାଠାରୁ ଶିଳ୍ପ ପ୍ରତିଷ୍ଠା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ ବୋଲି ଆଶ୍ୱାସନା ଦେବା ସହ 'ମେକ୍ ଇନ୍ ଝାରସୁଗୁଡା , ମେକ୍ ଫର୍ ଓଡ଼ିଶା' ଆମର ସଂକଳ୍ପ' ବୋଲି ଜିଲ୍ଲାପାଳ ଦୃଢ଼ୋକ୍ତି ଦେଇଥିଲେ କ୍ଷ ଏହା ସହ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗକୁ ଏମଏସଏମଇ ସମ୍ବନ୍ଧୀୟ ଫାଇଲ୍ ?ଗୁଡ଼ିକର 'ଶୂନ୍ୟ ବକେୟା (ତରକ୍ସକ୍ସ ଚରଭୟରଭମଛ)' ନୀତି ଅନୁସରଣ କରି ତ୍ୱରିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୦୦ରୁ ଅଧିକ ଉଦ୍ୟୋଗୀ, ପଲିଟେକନିକ୍, ଆଇ ଟି ଆଇ ର ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟକ୍ଷ, ଷ୍ଟାର୍ଟଅପ୍ ପ୍ରତିନିଧି ଓ ସମ୍ଭାବ୍ୟ ନିବେଶକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ, ଶିଳ୍ପ ପ୍ରୋତ୍ସାହନ ଅଧିକାରୀ (ଆଇପିଓ), ଓରମାସ ଉପ ମୁଖ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଶା ଜୀବିକା ମିଶନ ର ଜିଲ୍ଲା ପ୍ରକଳ୍ପ ପରିଚାଳିକା, ଜିଲ୍ଲା ହସ୍ତତନ୍ତ ବିଭାଗ ର ସହକାରୀ ନିର୍ଦ୍ଦେଶକ ପ୍ରମୁଖ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ାରେ 'VB-G RAM G' କାର୍ଯ୍ୟକ୍ରମର ଶୁଭାରମ୍ଭ

ଝାରସୁଗୁଡ଼ା(ନି.ପ୍ର.): ପଂଚାୟତୀରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନୂତନ ପଦକ୍ଷେପ 'ଠଇ-ଏ ଜଇଗ ଏ' କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ ସ୍ଥିତ ଅଡିଟରିୟମ ଠାରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ ପୂର୍ବକ କାର୍ଯ୍ୟକ୍ରମର ଭବ୍ୟ ଶୁଭକ୍ଷରମ୍ଭ ହୋଇଥିଲା କ୍ଷ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ (ଡିପିଏମ୍) ଡ଼ ପୁଷ୍ପଶ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି 'ଠଇ-ଏ ଜଇଗ ଏ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗ୍ରାମୀଣ ବିକାଶରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଜାତୀୟସ୍ତରରେ କାର୍ଯ୍ୟକ୍ରମର ଶୁଭାରମ୍ଭର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମ ର ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଶ୍ରୀ କୁଣକ୍ଷଲ ମୋତିରାମ ଚହ୍ୱାଣ ତାଙ୍କ ବକ୍ତବ୍ୟରେ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ଗ୍ରାମୀଣ



ଜୀବିକାକୁ ସୁଦୃଢ଼ କରିବ ବୋଲି ମତବ୍ୟକ୍ତ କରିଥିଲେ । ଗ୍ରାମୀଣ ଭିତିଭୂମିର ବିକାଶ, ଆର୍ଥିକ ସଶକ୍ତିକରଣ ଏବଂ ତୃଣମୂଳ ସ୍ତରର ବିକାଶ ପାଇଁ ଏହି ଯୋଜନା ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ସମ୍ମାନୀତ ଅତିଥି ଭାବେ ମାନ୍ୟବର ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଙ୍କ ପ୍ରତିନିଧି ଶ୍ରୀ ସଞ୍ଜୟ ସିଂ ବରଗଡ଼ ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀ ଶ୍ଳୋକ ସର୍ଣ୍ଣକ୍ଷ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଥିଲେ । ମଂଚାସୀନ ସମ୍ମାନୀତ ଅତିଥି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଶ୍ରୀ ବିଶ୍ୱରଞ୍ଜନ ନାଏକ ତାଙ୍କ ବକ୍ତବ୍ୟରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସକ୍ରିୟ ଭାଗିଦାରୀ ଅତ୍ୟନ୍ତ ଆବଶ୍ୟକ ଏବଂ ଏହା ଗ୍ରାମାଂଚଳର ସାମଗ୍ରିକ ବିକାଶ ଏବଂ ଲୋକଙ୍କ ଜୀବନଜୀବିକାରେ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦର ପିଏମ୍ (ଆଇଟି) ଶ୍ରୀ ପ୍ରସନ୍ନ କୁମାର ଦାଶ ଯୋଜନାର ବିଭିନ୍ନ ବୈଶିଷ୍ଟ୍ୟ, ଡିଜିଟାଲ୍ ସ୍କାନିଂ ବ୍ୟବସ୍ଥା, ସ୍ମାର୍ଟ ଜବ୍ କାର୍ଡ, ସ୍ୱଚ୍ଛ କାର୍ଯ୍ୟପ୍ରଣାଳୀ ଏବଂ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ପାଓ୍ୱାର ପଏଂଟ ମାଧ୍ୟମରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ । ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ (ଓ୍ୱକ୍ଷର୍କ ଅର୍ଡର) ବଂଟନ କରାଯାଇଥିଲା କ୍ଷ ଅତିରିକ୍ତ ଉନ୍ନୟନ ଅଧିକାରୀ, ଜ୍ିଲ୍ଲା ପରିଷଦ ସୂର୍ଯ୍ୟାଂଶୁ ରତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ନିଶା ମାଫିଆକୁ ୧୦ ବର୍ଷ ଜେଲ

ଜଳେଶ୍ୱର :(ନି.ପ୍ର)ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ରୋଡ଼ ସ୍ଥିତ ଏକ ଗ୍ୟାରେଜ ନିକଟରୁ ୨୦୨୧ ମସିହାରେ ସ୍ପେଶାଲ ଟାସ୍କ ଫୋର୍ସ ( ଏସଟିଏଫ) ୧୫୩୦ ଗ୍ରାମ ବ୍ରାଉନସୁଗାର ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ଏହି ମାମଲାର ଚୂଡ଼ାନ୍ତ ରାୟ ଜଳେଶ୍ୱର ସ୍ପେଶାଲ କୋର୍ଟଙ୍କ ଦ୍ୱାରା ପ୍ରକାଶ ପାଇଛି । କୋର୍ଟ ତାଙ୍କ ରାୟରେ ମାମଲାର ଅଭିଯୁକ୍ତ କୁହାଯାଉଥିବା ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ଝାଡେଶ୍ୱରପୁର ଗାଁର ମୁନାଫ୍ ହୋସେନ(୩୩)କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ବିବରଣୀରୁ ପ୍ରକାଶ ଯେ ୨୦୨୧ ମସିହା ମାର୍ଚ୍ଚ ମାସ ୮ ତାରିଖରେ ଏକ ସୂଚନା ଆଧ ଆଧାରରେ ସ୍ପେଶାଲ ଟାସ୍କ ଫୋର୍ସର ଏକ ଟିମ ଜଳେଶ୍ୱର ଥାନା ନା ଅଧୀନସ୍ଥ ଲକ୍ଷ୍ମଣନାଥ ନାଥ ରୋଡ଼ର ଏକ ଗ୍ୟାରେଜ ନିକଟରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ମୁନାଫ୍ ହୋସନ ଠାରୁ ପଲିଥିନ ପ୍ୟାକେଟରେ ଥିବା ୧୫୩୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯା କରାଯାଇଥିଲା । ଏନେଇ ଏସ ଏସଟିଏଫ ଫ ଇନ୍ସପେକ୍ଟର ସରିତା । ବେଉରିଆଙ୍କ ଲିଖ ଲିଖିତ ଅଭିଯୋଗ ଆଧାରରେ ଏ କରି କଟି କରି ୯/୨୦୨୧ ନମ୍ବରର ଏକ ଏସଟିଏଫ ମୁନାଫକୁ ଗିରଫ କରିଥିଲା ।ଇନ୍ସପେକ୍ଟର ମାମଲା ରୁଜ କ ସୁନିତା ପ୍ରଧ ପ୍ରଧାନ ମାମଲାର ତଦନ୍ତଭାର ତ ନେଇଥିଲେ । ସେହିଦିନ ସେ ଠାରୁ ମୁନାଫ୍ ଜେଲରେ ରହି ରହିଥ ?ବା ବେ ବେଳେ ସ୍ପେଶାଲ କୋର୍ଟରେ ଏହି ମାମଲାର ବିଚାର ଚାଲିଥିଲା । ମାମଲାରେ ମୋଟ୍ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା । ବିଚାରପତି ଅଜୟ କୁମାର ପ୍ରଧାନ ଏହି ମାମଲାର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ କରିଛନ୍ତି । ରାୟରେ ମୁନାଫଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ସହ ଏକ ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଏକ ଲକ୍ଷ ଟଙ୍କା ଜରିମାନା ଅନାଦେୟ ହେଲେ ଆଉ ଅଧିକ ବର୍ଷେ ଜେଲ ଜେଲଦଣ୍ଡ ଭୋଗିବାକୁ ।କୁ ପଡ଼ିବ ବୋଲି କୁହାଯାଇଛି । ସରକାରଙ୍କ ପକ୍ଷରୁ ଏପିପି ଏପିପି ଦୀପ୍ତି ହାଁସଦା ଏହି ଏହି ମାମଲା ପରିଚାଳନା କରୁଥିଲେ । ବ୍ରାଉନସୁଗାର ମାମଲାରେ ଦୋଷୀ ସାବ୍ୟ ଘଟଣା ଜଳେଶ୍ୱରର ନିଶା ମାଫିଆଙ୍କ ମଧ୍ୟରେ ଛନକା ପଶିଛି ।

# ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ( ଗ୍ରାମୀଣ) କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମ୍ମିଳନୀ

କଟକ(ନି. ପ୍ର.) ଭାରତ ସରକାରଙ୍କ " ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ( ଗ୍ରାମୀଣ)" ଯୋଜନା ୧ ଜୁଲାଇ ଠାରୁ କାର୍ଯ୍ୟକାରୀ ହୋଇଥିବା ବେଳେ ଏହି ଯୋଜନାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, ଏହି ଯୋଜନାରେ ଜଳ ସୁରକ୍ଷା , ଗ୍ରାମୀଣ ମୌଳିକ ଭିତିଭୂମିର ବିକାଶ, ଜୀବିକାରେ ଉନ୍ନତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଭଳି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏଥିସହ ପ୍ରତ୍ୟେକ ହିତାଧିକାରୀଙ୍କୁ ପୂର୍ବ ଅପେକ୍ଷା ଅଧିକ ଦୈନିକ ମଜୁରି ସହ ବର୍ଷକୁ ୧୨୫ ଦିନର ନିଶ୍ଚିତ କାର୍ଯ୍ୟ ସୁଯୋଗ ପ୍ରଦାନ କରାଯିବ । ପୂର୍ବରୁ ଚାଲିଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ନୂତନ କାର୍ଯ୍ୟ ମଧ ଆରମ୍ଭ କରାଯିବ ବୋଲି ସେ କହିଥିଲେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକ "ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ( ଗ୍ରାମୀଣ)" ଯୋଜନାର ଉଦ୍ଦେଶ୍ୟ ଓ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲାପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଆଶିଷ କୁମାର ସାହୁ ଯୋଗଦେଇ କହିଥିଲେ ଯେ ଏହି ଯୋଜନା ଗ୍ରାମୀଣଅଂଚଳର ବିକାଶ କରିବା ସହ ଜିଲ୍ଲାର ଉନ୍ନତିରେ ମଧ ସହାୟକ ହେବ । ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ବନ୍ଧୁଚରଣ ସାହୁ ଯୋଗଦେଇ ସରକାରଙ୍କର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ,ଜବକାର୍ଡଧାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାସନ ଶ୍ରୀମତୀ ବନ୍ଦନା ଖଟୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ,ରାଜ୍ୟ ସରକାର, ବିହନ ବୁଣା ଏବଂ ଅମଳ ସମୟରେ ମୋଟ ୬୦ଦିନ ପାଇଁ କାମ ବିରତି କରିପାରିବେ, ଯାହା ଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ । ସମସ୍ତ କାର୍ଯ୍ୟ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତିଭୂମି ଟ୍ରାକିଂ ସିଷ୍ଟମ ମାଧ୍ୟମରେ ଡିଜିଟାଲ ମ୍ୟାପିଙ୍ଗ କରାଯିବ ।

# ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ସି ପି ଆଇ (ଏମ) ନୀଳଗିରି ଆଂଚଳିକ କମିଟି ପକ୍ଷରୁ ପ୍ରତିବାଦ

ନୀଳଗିରି,(ନି.ପ୍ର.):ରାଜ୍ୟ ରେ ଡାକ୍ତରମାନଙ୍କ ଧର୍ମଘଟ ଫଳରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରେ ପ୍ରଭାବ ପଡିଥିବା ଦେଖି ବାକୁ ମିଳିଛି । ନୀଳଗିରି ଅଂଚଳ ଟି ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ଲୋକ ମାନେ ଡାକ୍ତର ଙ୍କ ଚିକିତ୍ସା ସଠିକ ରେ ପାଇପାରୁ ନାହାନ୍ତି । ଏହା ର ପ୍ରତିକାର ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାପାଇଁ ଭାରତର କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନୀଳଗିରି ଆଂଚଳିକ କମିଟି ତରଫରୁ ସରକାରକୁ ଅନୁରୋଧ କରାଯାଇଛି । ଉକ୍ତ ଘଟଣାକୁ କୁ ସରକାର ଗୁରୁତର ଭାବେ ନେଇ ଯଥା ଶୀଘ୍ର ଡାକ୍ତର ମାନଙ୍କ ଦାବୀ ପୂରଣ ନ କଲେ ଦଳ ରାଜ୍ ରାସ୍ତା କୁ ଆସିବା କୁ ବାଧ୍ୟ ହେବ ବୋଲି ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ସରକାର ଙ୍କୁ ଚେତାବନୀ ଦେଇଛନ୍ତି । ଆଜି ଏକ ପ୍ରତିନିଧି ଦଳ ଉପଖଣ୍ଡ ଚିକିତ୍ସାଳୟ ରେ ପ୍ରତିବାଦ ସଭା କରିଥିଲେ ।ପ୍ରତିବାଦ ସଭା ରେ ଗଙ୍ଗାଧର ମହାପାତ୍ର, ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ପ୍ରଦୀପ ମିଶ୍ର, ମଂଟୁ ପତି ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

# ଘରୋଇ ମେସରୁ ନିଖୋଜ ୪ ନାବାଳକ ପୁରୀ ସମୁଦ୍ର ବେଳାଭୂମି ରୁ ଉଦ୍ଧାର

ନୀଳଗିରି,(ନି.ପ୍ର.): ନୀଳଗିରି ଥାନା ଜାମୁଡିହା ପଂଚାୟତ ବଡ଼ବିଲ ଗ୍ରାମରେ ଜଗତା ନନ୍ଦ ରାଉତ ଦୀର୍ଘ ବର୍ଷ ଧରି ଏକ ମେସ କରିଆସୁଛନ୍ତି । ପାଖରେ ଥିବା ଅକ୍ଷୟଆଚାର୍ଯ୍ୟ ହାଇସ୍କୁଲ ର ଛାତ୍ର ଉକ୍ତ ମେସ ରେ ରହୁଥିଲେ । ତେ୍ୱ ଗତ ୧ ତାରିଖ ବିଳମ୍ବିତ ରାତ୍ରିରେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ର ଓମକାର ଟୁଡୁ, ନବମ ଶ୍ରେଣୀର ଛାତ୍ର ସତ୍ୟାନ୍ଦୁ ବେହେରା ଓ ଦଶମ ଶ୍ରେଣୀର ଦୁଇ ଛାତ୍ର ହିମାଂଶୁ ବେହେରା ଓ ରିତେଶ ବେହେରା ୪ ନାବାଳକ ଛାତ୍ର ମେସରୁ ଲୁଚି ପଳାଇ ଥିଲେ, ଯାହା ସିସି ଫୁଟେଜ ରେ କଏଦ ହୋଇଥିଲା । ଆଜି ସକାଳେ ମେସ ମାଲିକ ଏହି ଚାରି ଛାତ୍ରଙ୍କୁ ନ ପାଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ନୀଳଗିରି ଥାନାକୁ ଖବର ଦେଇଥିଲେ । ପୋଲିସ ମେସ କୁ ଯାଇ ଦାଦନ୍ତ କରି ଫେରିଥିଲେ ମଧ ଉକ୍ତ ନିଖୋଜ ୪ ନାବଳକ ଙ୍କ ପତା ମିଳିପାରି ନଥିଲା । ତେ୍ୱ ପୁରୀ ସମୁଦ୍ର କୂଳ ବେଳାଭୂମି ରେ ଜୈନିକ ଅଟୋ ଚାଳକଙ୍କ ହାବୁଡ଼ରେ ପଡ଼ିଥିଲେ ନିଖୋଜ ଛାତ୍ର ମାନେ । ଉକ୍ତ ଛାତ୍ରଙ୍କ ଚାଲି ଚଳନ, ଗତିବିଧି ରେ ସନ୍ଦେହ ହେବାରୁ ସେ ତାଙ୍କୁ ଅଟକାଇ ନାଁ ଓ ଠିକଣା ପଚାରିଥିଲେ । ପରେ ପିଲାମାନେ ଲୁଚି ପଳାଇ ଆସିଥିବା ଜାଣିବାକୁ ପାଇଥିଲେ । ସବୁ ଜାଣିବା ପରେ ଜୈନିକ ଅଟୋ ଚାଳକ ପୂର୍ବାହ୍ନ ୧୧ ଘଟିକା ସମୟରେ ପୁରୀ ସମୁଦ୍ରତଟ ଥାନାକୁ ଖବର ଦେଇଥିଲେ । ଖବର ପାଇ ଥାନା ପକ୍ଷରୁ ନିଖୋଜ ୪ ନାବଳକ ଉଦ୍ଧାର କରି ଥାନାକୁ ନେଇ ପଚରା ଉଚରା କରିଥିଲେ । ପରେ ଏନେଇ ନୀଳଗିରି ଥାନାକୁ ଖବର ଦେଇଥିଲେ ।

# ନୂଆପଡ଼ାରେ ଭିବି-ଜି ରାମ୍-ଜି ଜିଲ୍ଲାସ୍ତରୀୟ ଜନସମ୍ମିଳନୀ

ନୂଆପଡ଼ା,(ନି.ପ୍ର.) ବିକଶିତ ଭାରତ-ଗ୍ୟାରେଂଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଠଇ-ଏ ଜଇଗ ଏ)ର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ାସ୍ଥିତ ଏନ୍ ?.ଆଇ.ସି. ଭିଡିଓ କନଫରେନ୍ସ ହଲ୍ ?ରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମର ଜାତୀୟସ୍ତରୀୟ ଶୁଭାରମ୍ଭ ଆନ୍ଧ୍ରପ୍ରଦେଶର ତିରୁପତିରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ କରିଥିଲେ । ଏହି ଅବସରରେ ସେ ନୂଆପଡ଼ା ସମେତ ଦେଶର ବିଭିନ୍ନ ରାଜ୍ୟର ଠଇ-ଏ ଜଇଗ ଏ ଅଧୀନରେ କାର୍ଯ୍ୟରତ ହିତାଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସିଧାସଳଖ ଆଲୋଚନା କରିଥିଲେ । ନୂଆପଡ଼ାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ମଧ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ



ସାମିଲ ହୋଇଥିଲେ ।ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ସଭାପତିତ୍ୱ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) କ୍ଷମାନିଧି ଭୋଇ, ନୂଆପଡ଼ା ପଂଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ବିଡିଓ, ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ମନରେଗା ସଂଯୋଜକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ସରପଂଚ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପିଇଓ, ଏଡିଇଓ, ଜିଆରଏସ୍, ଯାନ୍ତ୍ରିକ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଜିଲ୍ଲା ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଠଇ-ଏ ଜଇଗ ଏର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଗ୍ରାମୀଣ ବିକାଶ, ରୋଜଗାର ସୃଷ୍ଟି, ଜନସହଭାଗିତା, ବିଭାଗୀୟ ସମନ୍ୱୟ ଏବଂ ସଶକ୍ତ ଗ୍ରାମ ପଂଚାୟତ ଗଠନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନ, ପଂଚାୟତ ପ୍ରତିନିଧି ଓ ସମସ୍ତ ସମ୍ପୃକ୍ତ ବିଭାଗର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଠଇ-ଏ ଜଇଗ ଏର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତ ବିଭାଗ, ପଂଚାୟତ ପ୍ରତିନିଧି ଏବଂ ହିତାଧିକାରୀଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା ।

# ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦହପାଣିଆ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ(ନି.ପ୍ର.): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିହିଡି ସ୍ଥିତ ଦହପାଣିଆ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡ଼ କାଳିପଦ ଦାସ ମ□ ସଂଚାଳନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଶ୍ରୀ ଅଂଶୁମାନ ଦ୍ୱିବେଦୀ, ତିହିଡି ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ, ସୌମ୍ୟା ସୁଚରିତା ମହାନ୍ତି, ସାମାଜିକ କର୍ମୀ, ଭଦ୍ରକ, ଶ୍ରୀ ରାମ ଚନ୍ଦ୍ର ନାୟକ, ପ୍ରତିପକ୍ଷ ପ୍ରତିପକ୍ଷ ଅଧୀବକ୍ତା, ବହ୍ନିଶିଖା ବିଶ୍ୱାଳ, ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଉତ୍ପୀଡ଼ନ ସୁରକ୍ଷା (ପୋଷ) ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଏବଂ ଏସ୍.ସି. ଏବଂ ଏସ୍.ଟି. ଙ୍କ ନିମନ୍ତେ ଥିବା ଯୋଜନା ଆଇନ ଉପରେ ପିଲାମାନଙ୍କୁ ସଚେତନ କରାଇବା । ଏହି ପରିପ୍ରେକ୍ଷିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଓଉଉ) ସହିତ ପରିଚିତ କରାଏ ଏବଂ ଏକ ସ୍ୱଚ୍ଛ ଅଭିଯୋଗ ପ୍ରଣାଳୀ ପ୍ରତିଷ୍ଠା କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ସମସ୍ତ ଆଇନଗତ ଆବଶ୍ୟକତାକୁ ପୂରଣ କରିଥାଏ । ଆଜିକାଲି ଛାତ୍ରଛାତ୍ରୀମାନେ ମୋବାଇଲର ସଦୁପଯୋଗ ଠାରୁ ଦୁରୁପଯୋଗ ବହୁତ



କରୁଛନ୍ତି, ଉପସ୍ଥିତ ଅତିଥି ଗଣ ପିଲାମାନଙ୍କୁ କହିଥିଲେ ଯେ, ସମାଜରେ ଭଲ ମଣିଷ ହେବା ପାଇଁ ହେଲେ ମୋବାଇଲରୁ ଭଲ ଶିକ୍ଷା ଗ୍ରହଣ କରନ୍ତୁ । ପରିଶେଷରେ ବନ ମହୋତ୍ସବ ସପ୍ତାହ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶଶିଙ୍କ ମିଶ୍ରଣ ପରେ ଖଇରା ରାଜନୀତି ସରଗରମ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ୨୦୨୪ର ବିଜେଡି ବିଧାୟକ ପ୍ରାର୍ଥୀନୀ ସୁବାସିନୀ ସାହୁ ତଥା ୨୦୧୯ରେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ସୁବାସିନୀଙ୍କ ସ୍ୱାମୀ ଶଶିକୁମାର ସାହୁ ବୁଧବାର ଦିନ ଭୁବନେଶ୍ୱର ଠାରେ ଭାଜପାରେ ଆନୁଷ୍ଠାନିକ ମିଶ୍ରଣ ପରେ ଏବେ ଖଇରା ରାଜନିତୀ ସରଗରମ ହୋଇ ପଡିଛି । ସେ କେବଳ ଏକା ଯାଇନାହାଁନ୍ତି ତାଙ୍କ ସହ ଖଇରାସିମୁଳିଆରେ ୯ଜଣ ସମିତି ସଭ୍ୟା ଓ ସଭ୍ୟ,୪୦ରୁ ଉର୍ଦ୍ଧ ପୁର୍ବତନ ସମିତିସଭ୍ୟା ସଭ୍ୟ ଓ ସରପ□,ଶତାଧିକ ନାଏବ ସରପ□ ଓ ଓ୍ୱାର୍ଡସଭ୍ୟ,କାର୍ଯ୍ୟକ□। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି । ମିଶ୍ରଣ ଭୁବନେଶ୍ୱରରେ ହୋଇଥିବା ବେଳେ ଖଇରା ସିମୁଳିଆରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ଶଶିଙ୍କ ସମର୍ଥକ ଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଭାଜପା



ନେତା ତଥା ବ□ମାନର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମର୍ଥକ ଏହା ବିରୋଧରେ ସ୍ୱର ଉଠାଇବା ଆରମ୍ଭ କରିଛନ୍ତି । ଆଗାମୀ ପ□ାୟତ ନିର୍ବାଚନରେ ହୁଏତ ଏହାର ପ୍ରତିଫଳନ ଦେଖିବାକୁ ପଡିପାରେ ବୋଲି ରାଜନୈତିକ ଚର୍ଚ୍ଚା ଜୋର ଧରିଛି ।

# ନିରନ୍ତର ପ୍ରୟାସ ହିଁ ସଫଳତାର ପ୍ରକୃତ ଚାବିକାଠି : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ନିରନ୍ତର ପ୍ରୟାସ ହିଁ ସଫଳତାର ପ୍ରକୃତ ଚାବିକାଠି । ଜୀବନରେ ସେହି ବ୍ୟକ୍ତି ନିଜର ଲକ୍ଷ୍ୟ ହାସଲ କରିଥାଏ, ଯିଏ ଧୈର୍ଯ୍ୟ, ଦୃଢ଼ ସଂକଳ୍ପ ଏବଂ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିଥାଏ । ପ୍ରଧାନମନ୍ତ୍ରୀ ମୋଦୀ ଆଜି 'ଏକ୍ସ 'ରେ' ନାନାଶ୍ରାନ୍ତାୟେ ଶ୍ରୀରସ୍ତିଥି ରୋହିତ ସୃଷ୍ଟିମ୍' ର ଖୁସି ଖବର ସେୟାର କରିଛନ୍ତି । ପାପୋ ନୃଶଦ୍ୱାରୋ ଜନ ଇନ୍ଦ୍ର ଇଚ୍ଛାରତ୍: ସଖା ଚରାଇଭେଟି । 'ଏହି ଅଭିବ୍ୟକ୍ତିର ଅର୍ଥ ହେଉଛି ସମୃଦ୍ଧି ଏବଂ ସଫଳତା ସେହି ବ୍ୟକ୍ତିଙ୍କ ପାଖରେ ଆସିଥାଏ ଯିଏ କେବେ ଥକିବା ବନ୍ଦ କରନ୍ତି ନାହିଁ । ଆଳସ୍ୟ ଏବଂ ନିଷ୍କ୍ରିୟତା ମଣିଷକୁ ତା 'ର ଲକ୍ଷ୍ୟରୁ ଦୂରେଇ ଦେଇଥାଏ, ଯେତେବେଳେ କି ସଫଳତା ନିରନ୍ତର କାର୍ଯ୍ୟ, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ଦ୍ୱାରା ପ୍ରାପ୍ତ ହୋଇଥାଏ । ସେ କହିଛନ୍ତି ଯେ ଅଧ୍ୟବସାୟ, ଦୃଢ଼ ସଂକଳ୍ପ ଏବଂ ଆତ୍ମବିଶ୍ୱାସ ସହିତ ଅଧ୍ୟବସାୟ ସଫଳତା ଆଣିଥାଏ ।

# ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଗଞ୍ଜାମ : ଗଞ୍ଜାମ ଜିଲା ପୁରୁଷୋତମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ପୁରୁଷୋତମପୁର ମୁଖ୍ୟରାସ୍ତାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏକ ହାଇୱା ଟ୍ରକ୍‌କୁ ଦ୍ରୁତଗତିରେ ଆସି ଜଣେ ବାଇକ୍‌କୁ ଧକ୍କା ଦେବା ସହ ସ୍କୁଟି ଆରୋହୀଙ୍କୁ ଚାପିଦେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନାଇଡୁ ପଲ୍ଲୀ ଗ୍ରାମର ବାବୁ ସାସମଲ (୪୫) । ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତହସିଲଦାର ରେଡକ୍ରସରୁ ୩୦ ହଜାରଟଙ୍କା ସହାୟତା ପ୍ରଦାନ କରିଛନ୍ତି । ତେବେ ସ୍କୁଟି ଆରୋହି ଜଣକ ଆସୁଥିବା ବେଳେ ତାଙ୍କ ପଛପଟୁ ଏକ ମୋରମ ବେଝେଇ ହାଇୱା ଟ୍ରକ୍ ଡ୍ରାଇଭର ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ଚାପି ଦେଇଥିଲା । ଉତ୍ୟକ୍ତ ହୋଇ କ୍ଷତିପୂରଣ ଲାଗି ଦାବି କରି ରାସ୍ତା ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ଫଳରେ ଦୀର୍ଘ ୩ ଘଂଟା ଧରି ବ୍ରହ୍ମପୁର-ପୁରୁଷୋତମପୁର ମୁଖ୍ୟ ରାସ୍ତାରେ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇପଡ଼ିଥିଲା ।



# ଡାକ୍ତରମାନଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରି ଆଲୋଚନା ପାଇଁ ଅନୁରୋଧ କଲେ ସରକାର



ଭୁବନେଶ୍ୱର : ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ରାଜ୍ୟ ସ୍ୱାସ୍ଥ୍ୟସେବା ଠପ୍ ହୋଇଯାଇଛି । ଏଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦେବା ସହ ସରକାରଙ୍କ ସହ ଆଲୋଚନାରେ ସାମିଲ ହେବାକୁ ସରକାର ଅନୁରୋଧ କରିଛନ୍ତି । ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମସା) ପକ୍ଷରୁ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ମନ୍ତ୍ରୀ ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା , କମିଶନର ତଥା ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓମସା ପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ବିଭାଗ ତରଫରୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା । ସରକାର ପୂର୍ବରୁ ଡାକ୍ତରମାନଙ୍କ ବହୁ ଦାବିକୁ ଗ୍ରହଣ କରି ସେମାନଙ୍କର କ୍ୟାଡର ରି-ଷ୍ଟ୍ରକଚରିଂ , ଡିଏସିପି, ସ୍ପେଶାଲ ଇନସେନ୍ଟିଭ୍ ଏବଂ ସ୍ଲେସ୍ ବେସଡ୍ ଇନସେଟିଭ୍ ପରି ବିଭିନ୍ନ ସୁବିଧା ଲାଗୁ କରିଛନ୍ତି । ଡାକ୍ତର ମାନଙ୍କ ଉଚ୍ଚଶିକ୍ଷା ପାଇଁ ସରକାର ଅନେକ ସୁବିଧା କରିଛନ୍ତି । ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି । କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି । ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜଣାଇ ଦିଆଯାଇଛି । ସେମାନେ କାର୍ଯ୍ୟରେ ଯୋଗଦେବା ପରେ ସେମାନଙ୍କ ଦାବିଗୁଡ଼ିକ ଉପରେ ଗଠନମୂଳକ ଆଲୋଚନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । 'ସେବା ହିଁ ପରମ ଧର୍ମ' ଏହାକୁ ପାଥେୟ କରି ଆନ୍ଦୋଳନରତ ଡାକ୍ତର ମାନଙ୍କୁ ଅନୁରୋଧ ,ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରି ପୂର୍ବଭଳି ରୋଗୀସେବା ଜାରି ରଖନ୍ତୁ । ଯଦି ରୋଗୀ ଙ୍କ ସ୍ୱାର୍ଥ ଓ ସ୍ୱାସ୍ଥ୍ୟ ସେବା ବ୍ୟାଘାତ ହୁଏ ତା ହେଲେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ ହେବେ ।

# ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ମଧ୍ୟରେ ଶିକ୍ଷାଗତ ରେକର୍ଡ଼ ସ୍ଥାନାନ୍ତରକୁ ସହଜ କରିଛି ଡିଜିଟାଲ ଇଣ୍ଡିଆ


ନୂଆଦିଲ୍ଲୀ : ଡିଜିଟାଲ ଇଣ୍ଡିଆ ଅଭିଯାନକୁ ଜୁଲାଇ ପହିଲାରେ ୧୧ ବର୍ଷ ପୂରଣ ହୋଇଛି । ଶିକ୍ଷା ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଭାରତ ଡିଜିଟାଲ ସାର୍ବଜନୀନ ଭିତିଭୂମିକୁ ମଜବୁତ କରି ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଲଭ ଏବଂ ନାଗରିକ କୈନ୍ଦ୍ରିକ କରିଛି ।ଶିକ୍ଷା କ୍ଷେତ୍ରରେ, ଡିଜିଟାଲ ଇଣ୍ଡିଆ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ଅନୁଯାୟୀ ଜୀବନବ୍ୟାପୀ ଶିକ୍ଷା, ଶୈକ୍ଷିକ ଗତିଶୀଳତା ଏବଂ ସୁରକ୍ଷିତ ଡିଜିଟାଲ ପ୍ରମାଣପତ୍ରକୁ ପ୍ରୋତ୍ସାହିତ କରୁଥିବା ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ବିକାଶକୁ ସମର୍ଥନ କରିଛି । ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ (ଏବିସି) ଏବଂ ନେସନାଲ ଏକାଡେମିକ୍ ଡିପୋଜିଟୋରୀ (ଏନଏଡି) ଏହି ପରିବର୍ତ୍ତନକୁ ଆଗେଇ ନେଉଥିବା ପ୍ରମୁଖ ପଦକ୍ଷେପ ମଧ୍ୟରୁ ଅନ୍ୟତମ । ଶିକ୍ଷା ମନ୍ତ୍ରଣାଳୟର ଏକ କାର୍ଯ୍ୟକ୍ରମ ରୂପେ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ପରିଚାଳନା କରାଯାଉଛି । ଏହା ହେଉଛି ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅର୍ଜିତ ଶୈକ୍ଷିକ କ୍ରେଡିଟ୍ ସଂରକ୍ଷଣ, ସ୍ଥାନାନ୍ତର ଏବଂ ଉପଯୋଗ କରିବା ପାଇଁ ଏକ ଡିଜିଟାଲ୍ ପ୍ଲାଟଫର୍ମ । ଏହା ବହୁମୁଖି ପ୍ରବେଶ ଏବଂ ପ୍ରସ୍ଥାନ, କ୍ରେଡିଟ୍ ହସ୍ତାନ୍ତର ଏବଂ ନମନୀୟ ଶିକ୍ଷା ପଥକୁ ସୁଗମ କରି ଜାତୀୟ ଶିକ୍ଷା ନୀତି ଏବଂ ଜାତୀୟ କ୍ରେଡିଟ୍ ଫ୍ରେମୱାର୍କକୁ ସମର୍ଥନ କରିଥାଏ । ସ୍ୱୟଂଚାଳିତ ସ୍ଥାୟୀ ଏକାଡେମିକ୍ ଆକାଉଂଟ୍ ରେଜିଷ୍ଟ୍ରି – ଅପାର ସହ ସମନ୍ୱିତ ଏବିସି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏକ ଅନନ୍ୟ ଜୀବନବ୍ୟାପୀ ଶୈକ୍ଷିକ ପରିଚୟ ପ୍ରଦାନ କରେ । ଏହା ଏକୀକୃତ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଏବଂ ଅନ୍ୟାନ୍ୟ ସ୍ୱୀକୃତିପ୍ରାପ୍ତ ଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକରେ ଶୈକ୍ଷିକ ରେକର୍ଡଗୁଡ଼ିକୁ ସୁରକ୍ଷିତ ଉପଯୋଗକୁ ସକ୍ଷମ କରିଥାଏ । ବର୍ତ୍ତମାନ ସୁଦ୍ଧା ୨,୯୬୩ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବିସିପ୍ଲାଟଫର୍ମରେ ପଞ୍ଜୀକୃତ ହୋଇଛି । ୨୬.୨୯କୋଟିରୁ ଅଧିକ ଅପାରଆଇଡିସୃଷ୍ଟି ହୋଇଛି । ସେହିପରି ୧୧୦.୬୫କୋଟିରୁ ଅଧିକ ଶିକ୍ଷାଗତ ରେକର୍ଡ ଅପଲୋଡ୍ କରାଯାଇଛି । ଏବିସି ସୁରକ୍ଷିତ ଡିଜିଟାଲ୍ ରେକର୍ଡ ସହିତ କାଗଜପତ୍ର ଆବଶ୍ୟକତାକୁ ସମାପ୍ତ କରିଥାଏ । ଏହା ଶିକ୍ଷାଗତ ପ୍ରଶାସନକୁ ସରଳ କରିଥାଏ । ଏଥିସହିତ ଛାତ୍ରଛାତ୍ରୀଙ୍କୁ ଅନଲାଇନରେ ଶିକ୍ଷାଗତ କ୍ରେଡିଟ୍ ହାସଲ, ସ୍ଥାନାନ୍ତର ଏବଂ ଉପଯୋଗ କରିବାରେ ସକ୍ଷମ କରିଥାଏ । ଅନୁରୂପ ଭାବେ ନେସନାଲ ଏକାଡେମିକ୍ ଡିପୋଜିଟୋରୀ (ଏନଏଡି) ହେଉଛି ଶିକ୍ଷାଗତ ଉପାଧିର ଏକ ୨୪ ଘ[ଆଅନଲାଇନ୍ ଭଣ୍ଡାର । ଏହା ଶିକ୍ଷାନୁଷ୍ଠାନଗୁଡ଼ିକୁ ଏକ ସୁରକ୍ଷିତ ଡିଜିଟାଲ୍ ଫର୍ମାଟରେ ଶିକ୍ଷାଗତ ପ୍ରମାଣପତ୍ର, ଡିଗ୍ରୀ, ଡିପ୍ଲୋମା ଏବଂ ମାର୍କ ସିଟ୍ ଜାରି, ସଂରକ୍ଷଣ ଏବଂ ଯାଂଚକୁ ସକ୍ଷମ କରିଥାଏ ।ଭୌତିକ ପ୍ରମାଣପତ୍ର ସ୍ଥାନରେ ଏନଏଡିରେ ଥିବାଡିଜିଟାଲ୍ ପ୍ରମାଣିତ ରେକର୍ଡ ପ୍ରଶାସନିକ ଖର୍ଚ୍ଚ ହ୍ରାସ କରେ, କାଗଜପତ୍ର ଉପଯୋଗକୁ ହ୍ରାସ କରେ ଏବଂ ଶିକ୍ଷାଗତ ଦସ୍ତାବିଜନଷ୍ଟ କିମ୍ବା କ୍ଷତିର ଆଶଙ୍କାକୁ ଦୂର କରେ । ଛତିଶଗଡର ଭିଲାଇରେ ଥିବା ରୁଙ୍ଗଟା ଇ[ରନେସନାଲ ସ୍କିଲ୍ସ ୟୁନିଭରସିଟିର ଏମବିଏଛାତ୍ରୀ ଅଞ୍ଜଳି ରାଠୋର କହିଛନ୍ତି, ଅପାର୍ ଆଇଡିଆ* ପ୍ରକ୍ରିୟାକୁ ସରଳ କରିଛି ଏବଂ କାଗଜପତ୍ରକୁ ଯଥେଷ୍ଟ ହ୍ରାସ କରିଛି । ଆବଶ୍ୟକତା ସମୟରେ ସେ ସହଜରେ ତାଙ୍କର ଶିକ୍ଷାଗତ ପ୍ରମାଣପତ୍ର ପାଇପାରୁଛନ୍ତି । ଫଳରେ ସେମିନାର, ପ୍ରତିଯୋଗିତା, ଇଂଟର୍ନସିପ୍ ଏବଂ ସ୍କଲାରସିପ୍ ପାଇଁ ଆବେଦନ ଅଧିକ ସୁବିଧାଜନକ ହୋଇଛି ।

# ଜୁନ୍ ୨୦୨୬ରେ ଭାରତୀୟ ରେଳର ମାଲ ପରିବହନରେ ୪% ବୃଦ୍ଧି




ନୂଆଦିଲ୍ଲୀ : ଉଭୟ ମାଲ୍ ଓ ଯାତ୍ରୀ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଜୁନ ୨୦୨୬ରେ ଭାରତୀୟ ରେଳବାଇ ଦୃଢ଼ ପ୍ରଦର୍ଶନ କରିଛି । ଅଧିକ ମାଲ୍ ପରିବହନ, ଯାତ୍ରୀ ସଂଖ୍ୟାରେ ବୃଦ୍ଧି ଏବଂ ଯାତ୍ରୀ ସେବାର ନିରନ୍ତର ସମ୍ପ୍ରସାରଣ, ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ମଜବୁତ କରିବା ଏବଂ ସାରା ଦେଶରେ ସୁବିଧାଜନକ ଯାତ୍ରା ବିକଳ୍ପ ଯୋଗାଇଦେବା ଦିଗରେ ଭାରତୀୟ ରେଳବାଇର ନିରନ୍ତର ପ୍ରୟାସକୁ ଦର୍ଶାଉଛି । ଜୁନ ୨୦୨୫ରେ ହୋଇଥିବା ୧୩୬.୭୧ ନିୟୁତ ଟନ୍ ମାଲ ପରିବହନ ତୁଳନାରେ ଭାରତୀୟ ରେଳବାଇ ଜୁନ୍ ୨୦୨୬ ମଧ୍ୟରେ ୧୪୨.୨୧ ନିୟୁତ ଟନ୍ ମାଲ୍ ପରିବହନ କରିଛି, ଯାହାକି ୪ ପ୍ରତିଶତ ଅଭିବୃଦ୍ଧିକୁ ଦର୍ଶାଉଛି । ମାଲ୍ ପରିବହନରୁ ମିଳୁଥିବା ଆୟରେ ମଧ୍ୟ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିଛି, ଯାହା ପ୍ରାୟ ୪୩୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ସୃଷ୍ଟି କରିଛି ଏବଂ ଏହା ଜୁନ୍ ୨୦୨୫ ତୁଳନାରେ ୩ ପ୍ରତିଶତ ଅଧିକ ଅଟେ । ଏହି ମାସରେ ବିଭିନ୍ନ ପ୍ରମୁଖ ସାମଗ୍ରୀର ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ସାର ପରିବହନରେ ୧୯.୧ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବାବେଳେ ଅବଶିଷ୍ଟ ଅନ୍ୟାନ୍ୟ ସାମଗ୍ରୀରେ ୧୭.୩ ପ୍ରତିଶତ ଅଭିବୃଦ୍ଧି ହୋଇଛି । ଲୁହାପଥରରେ ୯.୪ ପ୍ରତିଶତ, ଘରୋଇ କୋଇଲାରେ ୪.୯ ପ୍ରତିଶତ, ସମୁଦାୟ କୋଇଲାରେ ୩.୬ ପ୍ରତିଶତ ଏବଂ କ୍ଲିଙ୍କରରେ ୭.୨ ପ୍ରତିଶତ ବୃଦ୍ଧି ଘଟିଛି, ଯାହା ଅର୍ଥନୀତିର ପ୍ରମୁଖ କ୍ଷେତ୍ରଗୁଡ଼ିକରୁ ରହିଥିବା ନିରନ୍ତର ଚାହିଦାକୁ ଦର୍ଶାଉଛି । ବର୍ଷ ତମାମ ଭିତିରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତୀୟ ରେଳବାଇ ୪୧୯.୦୮ ନିୟୁତ ଟନ୍ ମାଲ ପରିବହନ କରିଥିଲା, ଯାହାକି ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୪୧୩.୦୫ ନିୟୁତ ଟନ ଥିଲା । ଲୁହାପଥର ଲୋଡିଂରେ ୭.୪୪ ପ୍ରତିଶତ, କ୍ଲିଙ୍କରରେ ୬.୫୪ ପ୍ରତିଶତ ଏବଂ ଅବଶିଷ୍ଟ ଓ ଅନ୍ୟାନ୍ୟ ସାମଗ୍ରୀରେ ୧୨.୧୬ ପ୍ରତିଶତ ବୃଦ୍ଧି ସହ ଏହି ତ୍ରୈମାସିକରେ ଅନେକ ପ୍ରମୁଖ ସାମଗ୍ରୀ କ୍ଷେତ୍ରରେ ଉତ୍ସାହଜନକ ଅଭିବୃଦ୍ଧି ଦେଖିବାକୁ ମିଳିଛି । ଲମ୍ବା ଗ୍ରୀଷ୍ମ ଋତୁ ଯୋଗୁଁ ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ, ଭାରତୀୟ ରେଳବାଇ ଘରୋଇ କୋଇଲା ପରିବହନକୁ ଆହୁରି ତ୍ୱରାନ୍ୱିତ କରିଛି । ଗତ ବର୍ଷର ଜୁନ ତୁଳନାରେ ଜୁନ୍ ୨୦୨୬ରେ ବିଦ୍ୟୁତ ପ୍ରକଳ୍ପଗୁଡ଼ିକୁ ୭ ପ୍ରତିଶତ ଅଧିକ କୋଇଲା ଯୋଗାଇ ଦିଆଯାଇଛି, ଯାହା ଫଳରେ ସାରା ଦେଶରେ ନିରବଚ୍ଛିନ୍ନ ବିଦ୍ୟୁତ ଉତ୍ପାଦନରେ ସହାୟତା ମିଳିପାରିଛି । ଜୁନ୍ ୨୦୨୬ରେ ଯାତ୍ରୀପରିବହନ କ୍ଷେତ୍ରରେ ମଧ୍ୟ ସ୍ଥିର ଅଭିବୃଦ୍ଧି ଦେଖିବାକୁ ମିଳିଛି । ଗତ ବର୍ଷ ଜୁନ ମାସରେ ୬୨.୩୭ କୋଟି ଯାତ୍ରୀ ପରିବହନ କରିଥିବାବେଳେ ଚଳିତ ବର୍ଷର ଜୁନରେ ତାହା ୬୩.୮୧ କୋଟିକୁ ବୃଦ୍ଧି ପାଇଛି ।

# ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର ୭ ତାରିଖ ଯାଏଁ ବର୍ଷା



ଭୁବନେଶ୍ୱର : ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ଉତରପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତର ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି । ଆଗକୁ ବଳଗୋଟାଇ ଅବପାତ ରୂପ ନେଇପାରେ ଲଘୁଚାପ । ଏନେଇ ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ଉତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସୃଷ୍ଟି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ।୫ଟି ସ୍ଥାନରେ ୨୪ ଘଂଟାରେ ୧୦୦ ମି.ମି.ରୁ ଅଧିକ ବର୍ଷା ରେକର୍ଡ ହୋଇଛି । ବରଗଡ଼ର ଅମ୍ବାଭୋନାରେ ସର୍ବାଧିକ ୧୮୦ ମି.ମି. ବର୍ଷା ରେକର୍ଡ । ସେହିପରି ୟୁୟୁମରାରେ ୧୩୦.୮, ଅତାବିରାରେ ୧୨୦, ଭଟଲିରେ ୧୧୦.୮ ରେକର୍ଡ ହୋଇଛି । ବୀରମହାରାଜପୁରରେ ୧୦୭ ମିଲିମିଟରର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୭ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉତର ଏବଂ ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇପାରେ । ରାଜ୍ୟର ବାକି ସ୍ଥାନରେ ବି ଭୀଷଣ ବର୍ଷିବ । ମୟୂରଭଞ୍ଜ ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଆଜି ପାଇଁ ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାଲେଶ୍ୱର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଓ ଗଜପତିରେ ପ୍ରବଳ ବର୍ଷା ହୋଇପାରେ । ଏହି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତାକାଲି ଉତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ।

# ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମନ୍ତ୍ରୀ ସୁରେଶ ପୂଜାରୀ




ଭୁବନେଶ୍ୱର : ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପରିଚାଳନା ଭିତିଭୂମି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି । ବୈଠକରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ପାଣ୍ଠି ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଶଦ ଭାବରେ ସମୀକ୍ଷା ହୋଇଥିଲା । ଏସଡିଏମଏଫ୍/ ଏନଡିଏମଏଫ୍ ଅଧୀନରେ ପାଣ୍ଠିର ଉପଯୋଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟଯୋଜନା ତ୍ୱରିତ ଭାବରେ ଆରମ୍ଭ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଗଣିତ ଅଧ୍ୟାପକଙ୍କ ପିଏଚ୍‌ଡି ଲାଭ



କପ୍ତିପଦା ନୂଆସାହି କଲେଜର ଗଣିତ ଅଧ୍ୟାପକ ଡ. ଅମରେନ୍ଦ୍ର କୁମାର ପଟ୍ଟନାୟକ "Nilpotent Subgroups of Classical Groups Over Commutative Rings" ବିଷୟରେ ଗବେଷଣା କରି ଡ. ଏପିଜେ ଅବଦୁଲ କାଲାମ ବିଶ୍ୱବିଦ୍ୟାଳୟ ଇନ୍ଦୋରରୁ ସମ୍ମାନଜନକ ପିଏଚ୍‌ଡି ଉପାଧି ପ୍ରାପ୍ତ ହୋଇଛନ୍ତି । ସେ ସ୍ୱାମୀ ବିବେକାନନ୍ଦ ପିଜି କଲେଜ ନରସିଂହପୁରର ପ୍ରଫେସର ଡ. ଅନିମେଶ କୁମାର ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ ଏବଂ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭଟି ଭାବା ବିଶ୍ୱ ବିଦ୍ୟାଳୟର କୁଳସଚିବ ଡ. ଶ୍ୟାମ ପାଟକରଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ. ପଟ୍ଟନାୟକ ଏହି ସଫଳତାର ଶ୍ରେୟ ଗୋପାଳଜୀଉଙ୍କୁ ଅର୍ପଣ କରିବା ସହ ପିତା- ପୀତାମ୍ବର ପଟ୍ଟନାୟକ, ମାତା- କୁମୁଦିନୀ ପଟ୍ଟନାୟକଙ୍କ ସମେତ ସମସ୍ତ ପରିବାର ବର୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ରାଜ୍ୟରେ ବଢ଼ିଲା ଇଭି ପଲିସିର ଅବଧି



ଭୁବନେଶ୍ୱର: ରାଜ୍ୟରେ ବଢ଼ିଲା ଇଭି ପଲିସିର ଅବଧି । ୨୦୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ମିଳିବ ଗାଡ଼ି କିଣାରେ ସବସିଡି ଓ ଆର୍ଥିକ ରିହାତି । ରାଜ୍ୟରେ ବିଦ୍ୟୁତ୍ ଯାନ (ଇଭି) ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାର 'ଓଡ଼ିଶା ଇଲେକ୍ଟ୍ରିକ୍ ଭେହିକିଲ୍ ପଲିସି- ୨୦୨୧ର ଅବଧି ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ତେବେ ଅବଧି ବୃଦ୍ଧି ହେବା ଦ୍ୱାରା ଇଲେକ୍ଟ୍ରିକ୍ ଯାନ କ୍ରୟ କରୁଥିବା ହିତାଧିକାରୀମାନେ ପୂର୍ବଭଳି ସରକାରୀ ସବ୍‌ସିଡି ଏବଂ ଅନ୍ୟାନ୍ୟ ସୁବିଧା ପାଇବେ । ଏଥିସହ ପଞ୍ଜୀକରଣ ଓ ସଡ଼କ ଟିକସ ଛାଡ଼ ମିଳିବ । ୨୦୨୧ରେ ଆରମ୍ଭ ହୋଇଥିବା ଏହି ପଲିସି ରାଜ୍ୟରେ ଇଭି କ୍ରୟ କରିବାକୁ ଚାହୁଁଥିବା ଗ୍ରାହକ ଏବଂ ଉତ୍ପାଦନକାରୀ ସଂସ୍ଥାମାନଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଆସିଛି ।

# ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା



ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷରେ ଭାରତର ୫ ମ୍ୟାଚ୍ ଟି-୨୦ ସିରିଜ୍ ଚାଲିଛି । ଟି-୨୦ ପରେ ଉଭୟ ଦଳ ମଧ୍ୟରେ ଖେଳାଯିବ ଦିନିକିଆ ଶୃଙ୍ଖଳା । ଆଉ ପରେ ଭାରତୀୟ ଦଳ ଜିମ୍ବାୱେ ଗସ୍ତରେ ଯିବ । ସେଠାରେ ମଧ୍ୟ ଟି-୨୦ ସିରିଜ୍ ଖେଳାଯିବ । ତେବେ ଏହାରି ଭିତରେ ଭାରତୀୟ ଟିମର ଟେଷ୍ଟ ସିରିଜକୁ ନେଇ ଏକ ବଡ଼ ଘୋଷଣା ହୋଇଛି । ପରବର୍ତୀ ଟେଷ୍ଟ ସିରିଜ୍ ଭାରତ ଶ୍ରୀଲଙ୍କା ବିପକ୍ଷରେ ଖେଳିବ । ଯାହାକି ଟେଷ୍ଟ କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର । ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଯିବ । ୧୫ ଅଗଷ୍ଟରୁ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ସିରିଜ୍ ଖେଳିବ ଭାରତ । ତେବେ ଖେଳାଯିବାକୁ ଥିବା ୩ଟି ଟି-୨୦ ମ୍ୟାଚକୁ ବାତିଲ୍ କରାଯାଇଛି । ଗୁରୁବାର ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଏହି ସିରିଜ୍ ସମ୍ପର୍କରେ ଘୋଷଣା କରାଯାଇଛି । ତେବେ ଦୀର୍ଘ ୯ ବର୍ଷ ପରେ ଟିମ୍ ଇଣ୍ଡିଆ ଟେଷ୍ଟ ସିରିଜ୍ ଖେଳିବା ପାଇଁ ଶ୍ରୀଲଙ୍କା ଗସ୍ତ କରିବ । ୨୦୧୭ ମସିହାରେ ଶେଷଥର ପାଇଁ ଭାରତ ଶ୍ରୀଲଙ୍କାରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା । ଏବେ ଖେଳାଯିବାକୁ ଥିବା ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପାଇଁ ଗୁରୁତ୍ୱବହନ କରୁଛି । ଭାରତ ଫାଇନାଲରେ ପ୍ରବେଶ କରିବା ପାଇଁ ଏହି ମ୍ୟାଚ୍ ଗୁରୁତ୍ୱବହନ କରୁଥିବାବେଳେ ଜିତିବା ଲକ୍ଷ୍ୟରେ ରହିବ । ତେବେ ଭାରତ-ଶ୍ରୀଲଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜର ସମୟ ରହିଛି ୧୩ ଦିନ । ସିରିଜର ପ୍ରଥମ ମ୍ୟାଚ ଅଗଷ୍ଟ ୧୫ରୁ ୧୯ ପର୍ଯ୍ୟନ୍ତ ଗାଲେର ଐତିହାସିକ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ଭାରତ ସ୍ୱାଧିନତା ଦିବସ ୧୫ ତାରିଖ ରହିଥିବାବେଳେ ଏକ ସ୍ୱତନ୍ତ୍ର ଦିବସରୁ ମ୍ୟାଚ ଖେଳାଯିବ । ସେପଟେ ଦ୍ୱିତୀୟ ଯି- ୨୦ ଅଗଷ୍ଟ ୨୩ରୁ ୨୭ ଖେଳାଯିବ । ଯାହାକି କଲୋମ୍ବୋରେ ଅନୁଷ୍ଠିତ ହେବ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**